# ରାଜଧାନୀରେ କଡ଼ାକଡ଼ି ହେବ କରୋନା କଟକଣା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଆଉ କିଛିଦିନ ପରେ କରୋନା ମହାମାରୀକୁ ବର୍ଷେ ପୂରିବାକୁ ଯାଉଛି। ଦୀର୍ଘଦିନର ଲକ୍‌ଡାଉନ୍ ଓ ଶଟ୍‌ଡାଉନ ଯନ୍ତ୍ରଣା ପରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ କୋଭିଡ୍ ଟିକା ଆଶ୍ୱସ୍ତି ଦେଇଛି। ଲୋକେ ସ୍ୱାଭାବିକ ଜୀବନ ଆରମ୍ଭ କରୁଥିବାବେଳେ ଏହି ମହାମାରୀ ପୁଣି ଡରାଇଛି। ମହାରାଷ୍ଟ୍ର ସମେତ ଦେଶର ଅନ୍ୟ କେତେକ ରାଜ୍ୟରେ କରୋନା ପୁଣି ଫେରିଥିବାରୁ ଓଡ଼ିଶାରେ ଭୟ ଓ ଆଶଙ୍କା ପରିସ୍ଥିତି ଉପୁଜିଛି। ବିଶେଷକରି ଜନଗହଳିପୂର୍ଣ୍ଣ ସହର ଭୁବନେଶ୍ୱରକୁ ଏପରିସ୍ଥିତିରୁ ରକ୍ଷା କରିବା ପାଇଁ କମିଶନଟରେଟ ପୋଲିସ ପୁଣି ଅଣ୍ଟା ଭିଡିଛି। ସହରରେ ଭିଡ଼ ବଢୁଥିବାବେଳେ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ କଟକଣାକୁ ପୁଣି କଡ଼ାକଡ଼ି କରାଯିବ ଓ ଅମାନିଆଙ୍କୁ ଜଗିବାକୁ ସ୍ୱତନ୍ତ୍ର ଟିମ୍ ଗଠନ ହେବ। ଏଥିସହ ନିଜ ଥାନା ଅଞ୍ଚଳରେ ଆଲର୍ଟ ରହିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ଡିସିପି ଉମାଶଙ୍କର ଦାଶ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରତିଦିନ ବାହାର ରାଜ୍ୟରୁ ଭୁବନେଶ୍ୱର ଦେଇ ଓଡ଼ିଶାକୁ ହଜାର ହଜାର ଲୋକ ଆସୁଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ବଢୁଥିବା ରାଜ୍ୟରୁ ମଧ୍ୟ ଓଡ଼ିଆଙ୍କ ଯିବାଆସିବା ଲାଗି ରହିଛି। ଏମାନଙ୍କୁ ଚିହ୍ନଟ କରିବା ସହ ନଜର ରଖିବା କଷ୍ଟକର ହୋଇପଡୁଥିବାରୁ କମିଶନରେଟ୍ ପୋଲିସ ପକ୍ଷରୁ ସହରରେ କଟକଣା କଡ଼ାକଡ଼ି କରିବ। ମୁହଁରେ ମାସ୍କ ଲଗାଇବା, ସାମାଜିକ ଦୂରତା ପାଳନ କରିବା ଭଳି କୋଭିଡ୍-୧୯ ନିୟମକୁ ପାଳନ କରିବାକୁ ଗୁରୁତ୍ୱ ଦିଆଯିବ। ସହରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଦୋକାନ ବଜାର, ଶପିଂ ମଲ୍, ମନ୍ଦିର, ପାର୍କ ଆଦି ସ୍ଥାନରେ ଭିଡ ନ ଜମାଇବାକୁ ଡିସିପି ଦାଶ ଚେତାବନୀ ଦେଇଛନ୍ତି। ଫେବ୍ରୁୟାରୀ ମାସ ପାଇଁ ଲାଗୁ କରାଯାଇଥିବା ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଲୋକ କଟକଣା ଖିଲାପ କଲେ ପୂର୍ବଭଳି ତାଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

**ଅମାନିଆଙ୍କୁ ଜଗିବ ସ୍ୱତନ୍ତ୍ର ଟିମ୍ : ଡିସିପି**

- ଫେବୃୟାରୀ ମାସ ଗାଇଡ୍‌ଲାଇନ୍ ମାନିବାକୁ ନିର୍ଦ୍ଦେଶ
- ଜୋର୍‌ଦାର ହେବ ଜରିମାନା ଆଦାୟ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଠାରୁ ରାଜମହଲ ଛକ ପର୍ଯ୍ୟନ୍ତ ରାସ୍ତା ଓ ବଜାରରେ ଲୋକଙ୍କ ଭିଡ଼।

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର: ଯୁବକ ଅଟକ

**ଚୌଦ୍ୱାର,୨୦।୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ଟେନାମେଣ୍ଟ ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର କପିଳ ମହାନ୍ତି ନାମକ ଯୁବକଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ଟେନାମେଣ୍ଟସ୍ଥିତ ଏକ ଦୋକାନକୁ ସଉଦା ଆଣିବାକୁ ଯାଉଥିବାବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୮/୨୧) ରୁଜୁ କରିଛି।

### ଅପହୃତା ଛାତ୍ରୀ ଉଦ୍ଧାର: ଅଭିଯୁକ୍ତ ଗିରଫ

**କଣ୍ଟାପଡା,୨୦।୨(ଡି.ଏନ.ଏ.):** କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ଓଲଟପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ କାକଟପୁର ଥାନା ଅଞ୍ଚଳର ସୁବାସ ଦାସ(୨୧)। ଏଥିସହ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, କାକଟପୁର ଅଞ୍ଚଳର ଛାତ୍ରୀ ଜଣକ ଓଲଟପୁର ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୧୧ ତାରିଖରେ ଅଭିଯୁକ୍ତ ଯୁବକ ତାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଓଲଟପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୨/୨୧) ରୁଜୁ କରିଥିଲା। ପରେ ଓଲଟପୁର ଆଇଆଇସି ଚିନ୍ମୟୀ ସାହୁ ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ଶୁକ୍ରବାର ବିଳମ୍ବିତ ରାତିରେ ଭଦ୍ରକ ଜିଲାର ଅଗରପଡା ଥାନା ଅଞ୍ଚଳରୁ ଉଭୟଙ୍କୁ ଉଦ୍ଧାର କରିଥିଲେ।

### ମଦ ଜବତ: ୨ ଗିରଫ

**ବାଙ୍କୀ,୨୦।୨(ବି.ପ୍ର./ସ୍ୱ.ପ୍ର.):** ବାଙ୍କୀର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଶନିବାର ମିଳିତ ଚଢ଼ାଉ ହୋଇଛି। ଚୋରା ମଦ ବିକ୍ରି ଅଭିଯୋଗରେ ଡମପଡା ବ୍ଲକ ରଗଡି ଗ୍ରାମର ମମତାଜ ବିବି ଓ ବାଙ୍କୀ ଏନ୍‌ଏସି ଅଧୀନ ଚର୍ଚ୍ଚିକା ଅନୁସୂଚିତ ସାହିର ବାପିନା ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୧୪୦ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି। କଟକ ଅବକାରୀ ମୋବାଇଲ୍ ଟିମ୍, ଆଠଗଡ଼ ଓ ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ ହୋଇଥିଲା। କଟକ ମୋବାଇଲ ଅବକାରୀ ଇନ୍ସପେକ୍ଟର ସୁରଜିତ ବାର୍ଲା, ଅନିତା ପ୍ରଧାନ, ବେଣୁଧର ସାମଲ, ବିଜୟ ଭଞ୍ଜ ଓ ମାଗୁଣି ଚରଣ ମାଝି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ରକ୍ତଦାନ ଶିବିର

**କଟକ ଅଫିସ, ୨୦।୨:** କଟକ ସେଲିବ୍ରେଶନ୍ ମଣ୍ଡପ, ଏସ୍‌ସିବି ବ୍ଲଡ୍ ବ୍ୟାଙ୍କଠାରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏହି ଦୁଇ ଶିବିରକୁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଚନ୍ଦ୍ରସାରଥି ବେହେରା, ବିଜେଡି ରାଜ୍ୟ କାଉନ୍‌ସିଲ ମେମ୍ବର ଅରିନ୍ଦମ ରାଏ ଉପସ୍ଥିତ ରହିଥିଲେ।

# ଭାନୁମତି ସ୍ୱାଇଁଙ୍କୁ ସ୍ୱର୍ଣ୍ଣସେବା ସମ୍ମାନ

କଟକ ଅଫିସ, ୨୦।୨

ବିଡ଼ାନାସୀସ୍ଥିତ ସର୍ଟ ଷ୍ଟେ- ହୋମ୍ ମମତା ସୁଧାର ଗୃହରେ ଶନିବାର ସ୍ୱର୍ଣ୍ଣସେବା ସହଯୋଗ ପ୍ରତିଷ୍ଠାନ ପକ୍ଷରୁ ସ୍ୱର୍ଣ୍ଣସେବା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘ ୩୦ ବର୍ଷ ଧରି ଅସହାୟା ମହିଳାମାନଙ୍କ ଯତ୍ନ ଓ ସେବା କରିବା ନିମନ୍ତେ ସେବିକା ଭାନୁମତି ସ୍ୱାଇଁଙ୍କୁ ସ୍ୱର୍ଣ୍ଣସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ଯୋଗଦେଇ ଭାନୁମତିଙ୍କୁ ସମ୍ମାନିତ କରିଥିଲେ । ପ୍ରତିଷ୍ଠାନର ସର୍ବଭାରତୀୟ ସଭାପତି ଦାମୋଦର ସାହୁ ଅଧ୍ୟକ୍ଷତା କରି କହିଥିଲେ, ଅସହାୟ ଶିଶୁ ଓ ମହିଳାମାନଙ୍କ ସେବାରେ ନିୟୋଜିତ ଅନୁଷ୍ଠାନ ତଥା ବ୍ୟକ୍ତିଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯିବା ଆବଶ୍ୟକ । ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, କବି ମୁରଲୀଧର ସାମଲ, ଦିଲୀପ କୁମାର ଦାସ, ମମତା ଅନୁଷ୍ଠାନର ଅଧୀକ୍ଷକ ଚୈତାଳୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଆଲୋଚନାଚକ୍ର

କଟକ ଅଫିସ,୨୦।୨

ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ କେନ୍ଦ୍ର ସରକାରଙ୍କ କୃଷି ବିଲ୍ ପ୍ରତ୍ୟାହାର ଦାବିରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ପଦଯାତ୍ରା ଜରିଆରେ କୃଷକ ଆନ୍ଦୋଳନକୁ ଜୋର୍‌ଦାର କରିବା ପାଇଁ ଆଲୋଚନାରେ ସ୍ଥିର କରାଯାଇଛି। ଏଥିରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଅଧ୍ୟକ୍ଷତା କରି କେନ୍ଦ୍ର ସରକାରଙ୍କ କୃଷି ବିଲ୍ ଉପରେ ବ୍ୟାଖ୍ୟା କରିଥିଲେ। ଏହି ଆଲୋଚନାରେ କଂଗ୍ରେସ ନେତା ସନାତନ ପୃଷ୍ଟି, ତୃପ୍ତି ଦାସ, ଶୈଳବାଳା ଜେନା, ଆର୍ଯ୍ୟବୀର ଲେଙ୍କା, ବିଜୟ କୁମାର ବାରିକ, ଶରତ ଚନ୍ଦ୍ର ସେଠୀ, ରଶ୍ମି ରଞ୍ଜନ ମିଶ୍ର ଅଂଶଗ୍ରହଣ କରିଥିଲେ।

# କ୍ରିକେଟ: ନୂଆପାଟଣା ଚାମ୍ପିୟନ

ତିଗିରିଆ,୨୦।୨ (ଡି.ଏନ୍.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଖେଳପଡ଼ିଆରେ ଚାଲିଥିବା ୩୦ତମ ଛତ୍ରପତି ଶିବାଜୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଛତ୍ରପତି ଶିବାଜୀ ସ୍ପୋର୍ଟସ ଆସୋସିଏଶନ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ନୂଆପାଟଣା ଛତ୍ରପତି ଶିବାଜୀ ସ୍ପୋର୍ଟସ ଓ ଆରଏସ୍ ଗୋପପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ନୂଆପାଟଣା ନିର୍ଦ୍ଧାରିତ ୨୨ ଓଭରରେ ୯ ଉଇକେଟ୍ ହରାଇ ୨୨୨ ରନ ସଂଗ୍ରହ କରିଥିଲା । ଜବାବରେ ଗୋପପୁର ୧୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୪ ରନ ସଂଗ୍ରହ କରିଥିଲା । ମୁଖ୍ୟ ଅତିଥିଭାବେ ଖାଦ୍ୟଯୋଗାଣ ସମବାୟ ମନ୍ତ୍ରୀଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଉଭୟ ଟିମ୍‌ର ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମନୋରଞ୍ଜନ ସେଠୀ ଓ ସୂର୍ଯ୍ୟମଣି ଦାସ ମ୍ୟାଚ ପରିଚାଳନା କରିଥିଲେ।




କଟକ ଶ୍ରୀରାମଚନ୍ଦ୍ର ଭବନରେ କଥାକାର ତରୁଣ କୁମାର ସାହୁଙ୍କ ପୁସ୍ତକ 'ନିର୍ବାଚିତ ଗଳ୍ପ'କୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

# ଆଇତଲଙ୍ଗ-ସଇଁନ୍ଦା ସେତୁ ପ୍ରସ୍ତାବ ଗୃହୀତ

କଟକ ସଦର,୨୦।୨(ଡି.ଏନ.ଏ.)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ୪୨ ମୌଜା ଆଇତଲଙ୍ଗ-ସଇଁନ୍ଦା ସିଉଁଆ ନଦୀସେତୁ ନିର୍ମାଣ ପାଇଁ ପ୍ରସ୍ତାବ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି। ଏଥିଯୋଗୁ ୮ଟି ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ। ୬୨୧ ମିଟର ଲମ୍ବ ସେତୁ ପାଇଁ ପ୍ରାୟ ୪୫ କୋଟି ଟଙ୍କା ବ୍ୟୟ ହେବ ବୋଲି ପ୍ରାଥମିକ ଆକଳନରୁ ଜଣାପଡିଛି। ମାତ୍ର କାଠଯୋଡିର ଶାଖା ନଦୀ ସିଉଁଆ ଚିରସ୍ରୋତା ହୋଇଥିବାରୁ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇବା ସମ୍ଭାବନା ରହିଛି ବୋଲି ଗ୍ରାମ୍ୟ ଉନ୍ନୟନ ଡିଭିଜନ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ସେତୁ ନିର୍ମାଣ ବେଳେ ପ୍ରବାହିତ ଉଦ୍‌ବୃତ୍ତ ଜଳକୁ ଅଟକାଇବା ବ୍ୟବସ୍ଥା କରାଗଲେ କଟକ ସହର, ୪୨ ମୌଜା ସମେତ ବାରଙ୍ଗ ବ୍ଲକ ୧୦ଟି ପଞ୍ଚାୟତର ଜଳ ସମସ୍ୟା ଦୂର ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। କାରଣ ଏହି ଜଳ ତଳମୁଣ୍ଡକୁ ଯାଇ ସମୁଦ୍ରରେ ମିଶୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ୪୨ ମୌଜାବାସୀ ନିବେଦନ କରିଛନ୍ତି।

# ଆଇନଜୀବୀଙ୍କ ବେକରୁ ଚେନ୍ ଲୁଟ୍, ୨ ଗିରଫ

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** ଜଣେ ମହିଳା ଆଇନଜୀବୀଙ୍କ ବେକରୁ ସୁନା ଚେନ୍ ଝାମ୍ପିନେବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଶନିବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଭଞ୍ଜନଗରର ଚିତ୍ତରଞ୍ଜନ ଦଳେଇ(୨୬) ଓ ଜଟଣୀର କାହ୍ନୁ ବଳିଆରସିଂ(୩୨)। ଚିତ୍ତରଞ୍ଜନ ସ୍ଥାନୀୟ ୟୁନିଟ୍-୬ରେ ରହୁଥିଲେ। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ସୁନା ଚେନ୍ ଓ ଚୋରିରେ ବ୍ୟବହୃତ ବାଇକ୍ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୨ଟାରେ ଆଇନଜୀବୀ ବେବିନା ସେଠୀ ସହଯୋଗୀଙ୍କ ବାଇକ୍‌ରେ ବସି ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲେ। କୁଆଖାଇ ବ୍ରିଜ ଉପରେ ଅଭିଯୁକ୍ତ ଚିତ୍ତରଞ୍ଜନ ଓ କାହ୍ନୁ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇଥିଲେ। ଏନେଇ ବେବିନା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା।

## ଘରେ ପଶି ମହିଳାଙ୍କୁ ଅସଦାଚରଣ: ୪ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଘରେ ପଶି ମହିଳାଙ୍କ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ଅଞ୍ଚଳର ରଞ୍ଜି ଓରଫ ତପୁ ଦାସ, ସୁନ୍ଦରପଦା ଅଞ୍ଚଳର ଅଭିଳାଷ ପ୍ରଧାନ, ବିକ୍ରମ ବେହେରା, ଶ୍ରୀଧର ଭୋଇ। ଅଭିଯୋଗକାରିଣୀ ମହିଳା ଜଣକ ସୁନ୍ଦରପଦା ଅଞ୍ଚଳରେ ରହୁଛନ୍ତି। ମହିଳାଙ୍କର ପୂର୍ବରୁ କେତେଜଣ ଲୋକଙ୍କ ସହ କୌଣସି କାରଣକୁ ନେଇ କଳହ ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ପୁଣି ସେମାନେ ଗଣ୍ଡଗୋଳ କରିଥିଲେ। ୪ ଜଣ ଯୁବକ ମହିଳାଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିଥିଲେ। ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ସାଲେପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟ: ସେମିଫାଇନାଲରେ କଟକ

ସାଲେପୁର,୨୦।୨(ଡି.ଏନ.ଏ)

ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ସାଲେପୁର ଫୁଟ୍‌ବଲ କପ୍ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ସାଲେପୁର ଫୁଟ୍‌ବଲ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିବସରେ ସନରାଇଜ କ୍ଲବ କଟକ ଓ ୟୁନାଇଟି କ୍ଲବ ଭଦ୍ରକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୪-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଆଇଆଇସି ବିଜୟ କୁମାର ବିଶି, ଚନ୍ଦ୍ରଦେଇପୁର ସରପଞ୍ଚ ଅନିଲ କୁମାର ଦାସ ଓ ବାଲିସାହି ସରପଞ୍ଚ ସରସ୍ୱତୀ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ, ଶଶିଭୂଷଣଙ୍କ ସ୍ମୃତିସଭା

କଟକ ଅଫିସ, ୨୦।୨

ସଂଗ୍ରାମୀ ଫୋରମ ପକ୍ଷରୁ କଟକ ସ୍ୱରାଜ ଆଶ୍ରମରେ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସଙ୍କ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଗାନ୍ଧୀ ସ୍ମାରକନିଧି କାର୍ଯ୍ୟକାରୀ ଅଧକ୍ଷ ଡ. ସତ୍ୟ ରାୟ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଡ. ପାବକ କାନୁନ୍‌ଗୋ, ଏମ୍‌ପି ସୁବାସ ସିଂ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ସ୍ତମ୍ଭକାର କିଶୋର ଶତପଥୀ, ଖବରଦାତା ଅରୁଣ ପଣ୍ଡା, କୈଳାସ ଚନ୍ଦ୍ର ବରାଳ, ରବି ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନେତାଜୀଙ୍କ ଜନ୍ମବାର୍ଷିକ ଉପଲକ୍ଷେ ଉଦ୍ଧୃତି ପ୍ରଦର୍ଶନୀ




ଛାତ୍ରୀ ଓ ମହିଳାମାନେ ଉଦ୍ଧୃତି ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

କଟକ ଅଫିସ, ୨୦।୨

ସାରା ଓଡ଼ିଶା ନେତାଜୀ ସୁଭାଷ ୧୨୫ତମ ଜୟନ୍ତୀ କମିଟିର କଟକ ଜିଲା ପକ୍ଷରୁ ଶନିବାର କଲେଜ ଛକଠାରେ ନେତାଜୀଙ୍କ ବିଭିନ୍ନ ବକ୍ତବ୍ୟରୁ ଉଦ୍ଧୃତିଗୁଡିକ ପ୍ରଦର୍ଶିତ ହୋଇଛି। ଏହାକୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂଗ୍ରାମକୁ ଜନସାଧାରଣଙ୍କ ମନରେ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ବର୍ଷେବ୍ୟାପୀ ତାଙ୍କର ଫଟୋ ଓ ଉର୍ଦ୍ଧୃତି ପ୍ରଦର୍ଶନୀ କରାଯିବ। ଏଥିସହ ନେତାଜୀଙ୍କ ସମ୍ପର୍କରେ ଆଲୋଚନାଚକ୍ର, ପ୍ରାମାଣିକ ଚଳଚ୍ଚିତ୍ର ଓ ବିଭିନ୍ନ କଳାତ୍ମକ ପ୍ରଦର୍ଶନ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର କଟକ ଜିଲା ସଭାପତି ଡ. ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ରାଜ୍ୟ ସମ୍ପାଦକ ବିଶ୍ୱାବସୁ ଦାସ, ଶିକ୍ଷାବିତ୍ ବିଦ୍ୟୁତ୍ କୁମାରୀ ଲାଲା, ଡ. ଅର୍ଜୁନ ବିଶ୍ୱାଳ, ଡ. ସିଦ୍ଧାର୍ଥ ଭରଦ୍ୱାଜ, ସାମାଜିକ କର୍ମୀ ଡଲି ଦାସ, ସତ୍ୟଗୋପାଳ ପରିଜା, ମଞ୍ଜୁଲତା ଜେନା, ଇନ୍ଦିରା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କେନାଲ ବନ୍ଧ ରାସ୍ତା ଶୋଚନୀୟ

ସାଲେପୁର,୨୦।୨(ଡି.ଏନ୍.ଏ.)



ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତସ୍ଥିତ ୫ ନଂ କେନାଲର ପୁରୁଷୋତ୍ତମପୁର ଗ୍ରାମକୁ ଯାଇଥିବା ଶାଖା କେନାଲ ବନ୍ଧ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଉଭୟ ପାର୍ଶ୍ୱରୁ କଂକ୍ରିଟ ଦବି ଯିବା ସହ ବହୁ ସ୍ଥାନରୁ ଗୋଡ଼ି ଉପରକୁ ଉଠିଯାଇଛି। ଫଳରେ ରାସ୍ତା ଉପରେ ନିର୍ଭର କରୁଥିବା ପୁରୁଷୋତ୍ତମପୁର, ବାଘ ସାହିର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୮ ବର୍ଷ ତଳେ ଏହି ରାସ୍ତାକୁ କଂକ୍ରିଟ କରାଯାଇଥିଲା। ମାତ୍ର ଏହାପରଠୁ ରାସ୍ତା ମରାମତି କରାଯାଇ ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ଏହି ରାସ୍ତାରେ ଏବେ ଚାଲିଚାଲି ଯିବା ମଧ୍ୟ କଷ୍ଟକର ହୋଇ ପଡୁଛି। ବହୁ ସମୟରେ ଲୋକେ ଦୁର୍ଘଟଣାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ରାସ୍ତା ଅବସ୍ଥା ଅଧିକ ବିପର୍ଯ୍ୟସ୍ତ ହୋଇପଡୁଛି। ତୁରନ୍ତ ଏହି ରାସ୍ତାର ପୁନରୁଦ୍ଧାର କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଅର୍ଜୁନ ସାହୁ କହିଛନ୍ତି, ସେ ମାସେ ହେବ ଏଠାକୁ ଆସଛନ୍ତି। ରାସ୍ତା ଦୁରାବସ୍ଥାର ତଦନ୍ତ କରି ବିଭାଗୀୟ ଉଚ୍ଚର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ।

**ଉଭୟ ପାର୍ଶ୍ୱରୁ କଂକ୍ରିଟ ଦବିଛି**

# ଦରମା ନ ପାଇବାରୁ ଛାତ୍ରାବାସ କର୍ମଚାରୀଙ୍କ ଧାରଣା

କଟକ ଅଫିସ, ୨୦।୨

ଦରମା ନ ପାଇବାରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦେବୀ ଛାତ୍ରୀ ନିବାସ ସମ୍ମୁଖରେ ଶନିବାର ଛାତ୍ରାବାସ କର୍ମଚାରୀମାନେ ଧାରଣାରେ ବସିଥିଲେ। ଗତ ମାସର ଦରମା ନ ପାଇ ଛାତ୍ରାବାସର କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନେ ହଷ୍ଟେଲ ୱାର୍ଡେନ ଓ ଚିଫ୍ ୱାର୍ଡେନଙ୍କୁ ଜଣାଇଥିଲେ। କିନ୍ତୁ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ କର୍ମଚାରୀମାନେ ଆଜି ପର୍ଯ୍ୟନ୍ତ ଦରମା ପାଇନାହାନ୍ତି। ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଭାପତି ପ୍ରକାଶ ଦାଶଙ୍କ ନେତୃତ୍ୱରେ କର୍ମଚାରୀମାନେ ଧାରଣା ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଚିଫ୍ ୱାର୍ଡେନ ଡ. କିଶୋର ଦାସ ଟେଲିଫୋନ୍‌ରେ ସଂଘ ସଭାପତି ଓ ଉପସଭାପତିଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କର୍ମଚାରୀମାନେ ନ ବୁଝିବାରୁ ସମ୍ପୃକ୍ତ ହଷ୍ଟେଲର ୱାର୍ଡେନ ଡ. ସବିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆଗାମୀ ଦିନରେ ଏହାର ସ୍ଥାୟୀ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ। ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ଉପ ସଭାପତି ରାଜେନ୍ଦ୍ର ରଣା, ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ, ସମ୍ପାଦକ ଜୟରାମ ବାରିକ, ରଞ୍ଜିତ ଦାଶ ଓ ବିଶ୍ୱନାଥ ଦାଶ ପ୍ରମୁଖ ଧରଣାରେ ସାମିଲ ହୋଇଥିଲେ।




ଛାତ୍ରାବାସ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ଆଜି କ'ଣ କେଉଁଠି

**ପୁରୀ**

- ଏନ୍‌ସିସି କ୍ୟାଡେଟଙ୍କ ବାର୍ଷିକ ଟ୍ରେନିଂ କ୍ୟାମ୍ପ, ଭେଟେରିନାରୀ କ୍ୟାମ୍ପସର ପରୀକ୍ଷା ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ, ଲୋହିଆ ଏକାଡେମୀ, ଅପରାହ୍ନ ୩ଟା।
- ନେତାଜୀ ସ୍କୁଲ ଆଣ୍ଡ କଲେଜ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ଜାଭିୟର ଛକ ନିକଟ, ଅପରାହ୍ନ ୪ଟା।
- ମାନବ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ପୁସ୍ତକ ଉନ୍ମୋଚନ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୪ଟା।
- ଓଡ଼ିଆ ଭାଷା ଓ ସୀମା ସୁରକ୍ଷା ଅଭିଯାନ ପକ୍ଷରୁ ମାତୃଭାଷା ଦିବସ ଚିନ୍ତନ ଚକ୍ର, ଜୟ ଭାରତ ଭବନ ପ୍ରେକ୍ଷାଗୃହ, ନିକୋ ପାର୍କ ଛକ, ଅପରାହ୍ନ ୪ଟା।
- ଶାନ୍ତିସେନା ପୁସ୍ତକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଉଦ୍‌ଘାଟନୀ ଉତ୍ସବ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତ ପକ୍ଷରୁ କବିତା ଆସର ଓ ସାରସ୍ୱତ ଆଲୋଚନାଚକ୍ର, ରାଜଧାନୀ କଳା ସଂସଦ, ୟୁନିଟ-୩, ସନ୍ଧ୍ୟା ୬ଟା।
- ରାଜକିଶୋର ନାୟକ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ସ୍ମୃତି ସଭା, କ୍ୱାର୍ଟର ନଂ ଭିଆଇଆଇଆର୍‌୧, ୟୁନିଟ-୩, ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ଚଣ୍ଡି ଆହୁତି ଓ ପୂର୍ଣ୍ଣାହୁତି, ସାହେବ ନଗର, ଚମ୍ପେଶ୍ୱର, ମହାଦେବ ପୀଠ, ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଉଦ୍‌ଯାପନୀ ଉତ୍ସବ, ଯଜ୍ଞର ପୂର୍ଣ୍ଣାହୁତି, ଭିଙ୍ଗାରପୁର ଦୁର୍ଗା ମଣ୍ଡପ ପରିସର, ଅପରାହ୍ନ ୫ଟା ୩୦। ପ୍ରବଚନ, ରାତି ୭ଟା ୩୦।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେମେଣ୍ଟ ପକ୍ଷରୁ ଜାତୀୟସ୍ତରୀୟ ପ୍ରତିଯୋଗିତା, କଲେଜ କ୍ୟାମ୍ପସ, ପଞ୍ଚମୁଖୀ ବିହାର, ଅଟଳା, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦାବି

ଭୁବନେଶ୍ୱର,୧୯।୨(ବ୍ୟୁରୋ)- ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରିବା ପାଇଁ ଶୁକ୍ରବାର ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ମଣ୍ଡଳୀ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସଙ୍କ ସହ ସାକ୍ଷାତ୍ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରସ୍ତାବିତ କୋର କମିଟିରେ ଗୁରୁ ଡ. ଦାମୋଦର ହୋତାଙ୍କୁ ସାମିଲ କରିବା ସହ ଏକ ସମନ୍ୱୟ କମିଟି ଗଠନ କରିବା ପ୍ରସ୍ତାବ ଦିଆଯାଇଥିଲା। ଏହି କମିଟି ରାଜ୍ୟ ଓ କେନ୍ଦ୍ର ସରକାର, ସଙ୍ଗୀତ ବିଶାରଦଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମର୍ଯ୍ୟାଦା ଆହରଣ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ କମିଟିରେ ଗଣମାଧ୍ୟମ, ସରକାରୀ ସଙ୍ଗୀତ ସମ୍ବନ୍ଧିତ ଅନୁଷ୍ଠାନ, ବୁଦ୍ଧିଜୀବୀଙ୍କୁ ସାମିଲ କରିବା, ଡ. କୀର୍ତ୍ତନ ନାରାୟଣ ପାଢୀ ଏବଂ ଗୁରୁ ଗୋପାଳ ପଣ୍ଡାଙ୍କ ଲିଖିତ ଓ ପ୍ରକାଶିତ ସମସ୍ତ ନଥିପତ୍ରକୁ ସଂକଳନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହେବାକୁ ଥିବା ଓଡ଼ିଶୀ ସଙ୍ଗୀତର ଇତିହାସ, ବ୍ୟାକରଣ, ଶାସ୍ତ୍ରୀୟତା, ଗାୟନ ଶୈଳୀ, ରାଗ, ତାଳ ଓ ବାଦ୍ୟ ଆଦି ସମ୍ପର୍କରେ ତଥ୍ୟନିଷ୍ଠ ସଂକଳନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି।

### ବୁଦ୍ଧେଶ୍ୱର କଲୋନୀ ଶ୍ରୀପଞ୍ଚମୀ ଉତ୍ସବ

ଭୁବନେଶ୍ୱର,୨୦।୨- ବୁଦ୍ଧେଶ୍ୱରୀ କଲୋନୀ ସରସ୍ୱତୀ ପୂଜା କମିଟି ପକ୍ଷରୁ ଶ୍ରୀ ପଞ୍ଚମୀ ଉତ୍ସବ ପାଳିତ ହୋଇଯାଇଛି। ଗତ ୨୬ ବର୍ଷ ଧରି କମିଟି ପକ୍ଷରୁ ମହାଆଡ଼ମ୍ବର ସହକାରେ ଏହି ଉତ୍ସବ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ପୋଲିସ ଅଧିକାରୀ ରଜତ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ବ୍ୟାଙ୍କର ଦାମୋଦର ନନ୍ଦଙ୍କୁ ଲାଇଫଂ ଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା। ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ, ପ୍ରଶାନ୍ତ ଦାସ, ପ୍ରଫୁଲ୍ଲ ନାୟକ, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମନାଭ ନନ୍ଦଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା।

## ଛୁଟିଦିନରେ ଶେଷ ତାରିଖ
# ପୁସ୍ତକ ଦାଖଲରୁ ବହୁ ଆବେଦନକାରୀ ବଞ୍ଚିତ

**ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର**
**ସଭାପତିଙ୍କ ବିଭ୍ରାନ୍ତିକର ମନ୍ତବ୍ୟ**

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀର ୨୦୧୯, ୨୦୨୦ ଓ ୨୦୨୧ ବର୍ଷର ପୁରସ୍କାର ପାଇଁ ପୁସ୍ତକ ଦାଖଲ ଶେଷଦିନ ଶନିବାର ଥିଲା। ଲେଖକ ଓ ପ୍ରକାଶକମାନେ ସେମାନଙ୍କ ପୁସ୍ତକଗୁଡ଼ିକୁ ଭୁବନେଶ୍ୱର ସଂସ୍କୃତି ଭବନସ୍ଥିତ ଓଡିଶା ସାହିତ୍ୟ ଏକାଡେମୀ ଠିକଣାରେ ଦାଖଲ କରିବାକୁ କୁହାଯାଇଥିଲା। ଜାନୁୟାରୀ ୨୨ରୁ ଫେବୃୟାରୀ ୨୦ ମଧ୍ୟରେ ଉକ୍ତ ଠିକଣାରେ ସରକାରୀ ଛୁଟି ଦିନ ବ୍ୟତୀତ ପୁସ୍ତକ ପହଞ୍ଚାଇବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଦୁଃଖର ବିଷୟ ଶେଷଦିନ ଅର୍ଥାତ୍ ୨୦ ତାରିଖ ସରକାରୀ ଛୁଟି ରହିଥିବାରୁ ବହୁ ଲେଖକ ଓ ପ୍ରକାଶକ ପୁସ୍ତକ ଦାଖଲ କରିବାକୁ ଆସି ନିରାଶରେ ଫେରିଥିବା ଅଭିଯୋଗ ହୋଇଛି। ଦୂର ଦୂରାନ୍ତରୁ ଆସି ପୁସ୍ତକ ଦାଖଲ କରିପାରି ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦିଓ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା, ସରକାରୀ ଛୁଟି ଦିବସରେ ପୁସ୍ତକ ଦାଖଲ ହୋଇପାରିବ ନାହିଁ, ତଥାପି ଛୁଟି ଦିବସକୁ କିପରି ପୁସ୍ତକ ଦାଖଲର ଶେଷ ଦିନ ରଖାଗଲା ତାହାକୁ ନେଇ ଆବେଦନକାରୀମାନେ ପ୍ରଶ୍ନ ଉଠାଇଛନ୍ତି। ୨୧ ତାରିଖ ରବିବାର ମଧ୍ୟ ଛୁଟିଦିନ। ତେଣୁ ଦୁଇଦିନ ଛୁଟି ଥିବାରୁ ଏବେ ଦୂରରୁ ଆସିଥିବା ପ୍ରକାଶକ ଓ ଲେଖକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଆଉ ପୁସ୍ତକ ଗ୍ରହଣ କରାଯିବ କି ନାହିଁ, ସେନେଇ ଦ୍ୱନ୍ଦ୍ୱରେ ରହିଥିଲେ ମଧ୍ୟ ଆଶା ରଖି ଭୁବନେଶ୍ୱରରେ ପଡ଼ି ରହିଥିବା ଜଣାପଡିଛି। ତେବେ ପୁସ୍ତକ ଦାଖଲ ପାଇଁ ଆଉକିଛି ସମୟ ବୃଦ୍ଧି କରିବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ରଙ୍କୁ ପଚାରିବାରୁ ସେ ବିରକ୍ତି ହେବା ସହ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି। ସଭାପତି ନିଜେ ମଧ୍ୟ ଶେଷ ଦିନ ଜାଣି ନ ଥିବା ତାଙ୍କ କଥାରୁ ଜଣାପଡୁଛି। ଏକାଡେମୀ ବିଜ୍ଞପ୍ତି ଅନୁସାରେ, ଫେବୃୟାରୀ ୨୦ ଶେଷ ତାରିଖ ହୋଇଥିବାବେଳେ ସଭାପତି କହିଥିଲେ, ମୋର ମନେପଡୁଛି ୨୨ ତାରିଖ ଶେଷ ଦିନ। ଏହାପରେ ତାଙ୍କୁ ପ୍ରକାଶିତ ବିଜ୍ଞପ୍ତି କଥା ଆମ ପ୍ରତିନିଧି ଅବଗତ କରାଇବାରୁ ସେ ହଡ଼ବଡ଼େଇ ଯାଇ ରୁକ୍ଷ ଗଳାରେ କହିଥିଲେ, ଆପଣ ଏକାଡେମୀର କ'ଣ ମୋତେ ଏକୁଟିଆ ଜାଣିଛନ୍ତି? ଆଉ କାହାକୁ ପଚାରୁ ନାହାନ୍ତି, ସେମାନେ କହିପାରିବେ। ସଭାପତିଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟରୁ ଏକାଡେମୀର କାର୍ଯ୍ୟଧାରା କିପରି ଚାଲୁଥିବ ତାହା ବାରି ହୋଇପଡୁଛି।

# ଗଳ୍ପ ସଂକଳନ 'ତୃଷ୍ଣା' ଲୋକାର୍ପିତ



କାର୍ଯ୍ୟକ୍ରମରେ ଅତିଥିମାନେ ଗଳ୍ପସଂକଳନ 'ତୃଷ୍ଣା' ର ଲୋକାର୍ପଣ କରୁଛନ୍ତି ।

ଭୁବନେଶ୍ୱର,୨୦।୨(ବ୍ୟୁରୋ):

ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ଶନିବାର ଗାଳ୍ପିକ ଶଶିଭୂଷଣ ମହାନ୍ତିଙ୍କ ଦ୍ୱିତୀୟ ଗଳ୍ପ ସଂକଳନ 'ତୃଷ୍ଣା' ଲୋକାର୍ପିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ କବି ତଥା ସମାଲୋଚକ ଡ. କୁଳମଣି ଓଝା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ ଗଳ୍ପର ସ୍ଥିତି, ପ୍ରକୃତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଔପନ୍ୟାସିକ ସୁନୀଲ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର 'ତୃଷ୍ଣା' ଏକ ସାର୍ଥକ ଗଳ୍ପ ସଙ୍କଳନ ଏବଂ ଗାଳ୍ପିକ ମହାନ୍ତିଙ୍କ ଠାରୁ ଓଡ଼ିଆ ସାହିତ୍ୟ ଆହୁରି ଅଧିକ ଗଳ୍ପ ଆଶା କରେ ବୋଲି କହିଥିଲେ। କବି, ଗାଳ୍ପିକ ତଥା ପ୍ରକାଶକ ରାଜକିଶୋର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଜିତେନ୍ଦ୍ର କୁମାର ରଥ ଉପସ୍ଥାପନା କରିଥିଲେ। ସାଥି ଅନୁଷ୍ଠାନ ଓ ଏଥେନା ବୁକ୍‌ସ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା।

# ବ୍ୟାଣ୍ଡ ପିନ୍ଧି ନ ଥିବା ଓକିଲଙ୍କୁ ୫୦୦ ଜରିମାନା

କଟକ ଅଫିସ,୨୦।୨:

**ପେସାର ମର୍ଯ୍ୟାଦା ରକ୍ଷା ଜରୁରୀ: ହାଇକୋର୍ଟ**



ପ୍ରତ୍ୟେକ ପେସାର ଏକ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ରହିଛି। ଉକ୍ତ ପ୍ରଫେସନରେ ଥିବା ସମସ୍ତଙ୍କୁ ଏହା ମାନିବାକୁ ପଡ଼ିବ ବୋଲି ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ସହ ଏକ ମାମଲାର ଶୁଣାଣି ବେଳେ ବ୍ୟାଣ୍ଡ ପିନ୍ଧି ନ ଥିବା ଜଣେ ଆଇନଜୀବୀଙ୍କୁ ଅଦାଲତ ୫୦୦ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲା(ବିଜୟ ମାଝି ଭର୍ସେସ ଓଡ଼ିଶା ସରକାର)ର ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣିବେଳେ ଆବେଦନକାରୀଙ୍କ ଓକିଲ କୋର୍ଟ ବ୍ୟାଣ୍ଡ ପିନ୍ଧି ନ ଥିବା ଅଦାଲତଙ୍କ ନଜରକୁ ଆସିଥିଲା। ଏହା ଦେଖି ମାମଲାର ଶୁଣାଣି କରୁଥିବା ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ କହିଥିଲେ, ପ୍ରତ୍ୟେକ ପ୍ରଫେସନର ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ଥାଏ। ଫଳରେ ଉକ୍ତ ପେସାରେ ଥିବା ଲୋକଙ୍କୁ ସହଜରେ ବାରି ହୋଇଯାଏ। ଆଇନଜୀବୀଙ୍କ ଡ୍ରେସ୍ କୋଡ୍ କିଭଳି ରହିବ ତାହା ଆଡ୍‌ଭୋକେଟ୍ସ ଆକ୍ଟ-୧୯୬୧ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଆଇନଜୀବୀମାନେ ଧଳା ଶାର୍ଟ ସହ କଳା ରଙ୍ଗର କୋଟ୍ ଏବଂ ନେକ୍‌ବ୍ୟାଣ୍ଡ ପରିଧାନ କରିବା ଧାରା ୪୯ (୧(ଜିଜି))ରେ ବାଧ୍ୟତାମୂଳକ କରାଯାଇଛି। ଏହା ଉଭୟ ବରିଷ୍ଠ ଏବଂ କନିଷ୍ଠ ଓକିଲଙ୍କ ପାଇଁ ପ୍ରଯୁଜ୍ୟ। ଅପରପକ୍ଷରେ ପେସାର ମର୍ଯ୍ୟାଦା ରକ୍ଷା କରିବା ସମସ୍ତଙ୍କ ପାଇଁ ଜରୁରୀ। ବିଚାରପତି ପାଣିଗ୍ରାହୀ ସମ୍ପୃକ୍ତ ଆଇନଜୀବୀଙ୍କୁ ଏନେଇ ତାଗିଦ୍ କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ସପ୍ତାହରେ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହାସହ ବାର୍ ଆସୋସିଏଶନର ଆଇନଜୀବୀ କଲ୍ୟାଣ ପାଣ୍ଠିରେ ୫୦୦ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜମା ରସିଦ ପରବର୍ତ୍ତୀ ଶୁଣାଣି ସୁଦ୍ଧା କୋର୍ଟରେ ଦାଖଲ କରିବାକୁ କୁହାଯାଇଛି।



ଶନିବାର ସୂଚନା ଭବନରେ ଅନୁଷ୍ଠିତ 'ପ୍ରଣବ ପ୍ରତିଧ୍ୱନୀ'ରେ ଗାୟିକା ଡ଼.ସୁଧା ମିଶ୍ରଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଉଛି ।

# ସୁଧା ମିଶ୍ର ପାଇଲେ 'ପ୍ରଣବ ପରମ୍ପରା ସମ୍ମାନ'

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ସାଂସ୍କୃତିକ ଅନୁଷ୍ଠାନ ସଂଭାବନା ପକ୍ଷରୁ ଓଡିଆ ମହୋତ୍ସବର ଦ୍ୱିତୀୟ କାର୍ଯ୍ୟକ୍ରମ ବିଶ୍ୱ ମାତୃଭାଷା ଦିବସ ସମାରୋହ ଶନିବାର ସୂଚନା ଭବନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ସଙ୍ଗୀତର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପ୍ରଣବ ପ୍ରତିଧ୍ୱନୀ'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗାୟିକା ଡ. ସୁଧା ମିଶ୍ରଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରଣବ ନିଜେ ଗାଇଥିବା ଭକ୍ତି ଗୀତ, ଜୀବନ ଦର୍ଶନ ସଙ୍ଗୀତ ଓ ପ୍ରଣୟ ସଙ୍ଗୀତ ମୁଖ୍ୟ ଆକର୍ଷଣ ଥିଲା। ପ୍ରାରମ୍ଭରେ ତାଙ୍କ କଣ୍ଠରୁ ଝରିଥିବା 'ଉର୍ମି ଅଧିରା' ଓ ଛନ୍ଦା ମିଶ୍ରଙ୍କ ସହ ଦ୍ୱୈତ ସଂଗୀତ 'ଏ ନୀଳ ଆଖି ନୀଳ ଜଳେ' ଦର୍ଶଙ୍କୁ ଭାବ ବିହ୍ୱଳ କରିଥିଲା। ପରେ ଛନ୍ଦା ମିଶ୍ରଙ୍କ କଣ୍ଠରୁ 'କରୁଣାମୟୀ ଗୋ ଜଗତ ଜନନୀ', 'ଏମିତି ରାତି' ସିଦ୍ଧାନ୍ତ ଶତପଥୀଙ୍କ ସ୍ୱରରେ 'ହେ ଦୁଃଖହାରୀ ଗିରିଧାରୀ', 'ସ୍ମୃତି ତୋର ଫେରେ' ଓ 'ଜୀବନ ଏକ ନାଟକ', ଅର୍ଣ୍ଣବ ପଣ୍ଡାଙ୍କ ସ୍ୱରରେ 'ହାଏ ସେ ହରିଣୀ ଆଖି', 'ମାଝିରେ ... ଶେଷ ଶ୍ରାବଣ', ରିତିକା ରିମ୍‌ଝିମ୍‌ଙ୍କ କଣ୍ଠରୁ 'ମାଟି କହେ କୁମ୍ଭାରକୁ', 'ପାହାଡର ସେପାଖେ ଆମ ଛୋଟ ଗାଁ' ଆଦି ବେଶ୍ ମନଛୁଆଁ ଥିଲା। ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ପରିକ୍ରମା'

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଓଡ଼ିଶା ମଡ଼ର୍ଣ୍ଣ ଆର୍ଟ ଗ୍ୟାଲେରୀରେ ଶନିବାର ଆୟୋଜିତ ହୋଇଥିଲା ଚିତ୍ରକଳା ପ୍ରଦର୍ଶନୀ 'ପରିକ୍ରମା'। ଚିତ୍ରଶିଳ୍ପୀ ସଞ୍ଜୟ ପଟ୍ଟନାୟକ, ପ୍ରଜେଶ ମହାପାତ୍ର ଓ ଶୁଭଙ୍କର ତରଫଦାରଙ୍କ ମିଳିତ ପ୍ରଦର୍ଶନୀକୁ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୨୯ଟି କଳାକୃତି ସ୍ଥାନ ପାଇଥିଲା। ତନ୍ମଧ୍ୟରୁ ସଞ୍ଜୟଙ୍କ ୧୩ଟି ଚିତ୍ରରେ ପାରମ୍ପରିକ ଶୈଳୀରେ ଆଧୁନିକତାର ଛାପ ଦେଖିବାକୁ ମିଳିଥିଲା। ଗାଢ଼ ରଙ୍ଗ ପ୍ରୟୋଗରେ ଅଙ୍କିତ ଏହି ଚିତ୍ରଗୁଡିକ ଅତି ସୁନ୍ଦର ଓ ଆକର୍ଷଣୀୟ ଥିଲା। ସେହିପରି ପ୍ରଜେଶଙ୍କ ମୋଟ ୮ଟି ଚିତ୍ରରେ ଶିଳ୍ପୀ ଧଳା ପେପରରେ ସେମି ଅବଷ୍ଟ୍ରାକ୍ଟ ବେଶ୍ ଜୀବନ୍ତ ଥିଲା। ସେହିପରି ଶୁଭଙ୍କର ତରଫଦାରଙ୍କ ୮ଟି ଚିତ୍ର ଆଧୁନିକ ଶୈଳୀରେ ଅଙ୍କିତ ହୋଇଥିଲା। ଚିତ୍ରରେ ମନୁଷ୍ୟର ଛାପ ଓ ଜ୍ୟାମିତିକ ଶୈଳୀ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ମୀନକେତନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ ଉତ୍ସବରେ ଉପସ୍ଥିତ ଥିଲେ।

# ଜଳହସ୍ତୀ ଜଲି, ମିଲି ଗଲେ ବିଳାସପୁର

ବାରଙ୍ଗ,୨୦।୨(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଥିବା ୨ଟି ମାଈ ଜଳହସ୍ତୀ ଜଲି ଓ ମିଲିକୁ କର୍ତ୍ତୃପକ୍ଷ ଶୁକ୍ରବାର ବିଳମ୍ବିତ ରାତିରେ ବିଳାସପୁର ପଠାଇଛନ୍ତି। ଜଲିର ବୟସ ୮ବର୍ଷ ହୋଇଥିବାବେଳେ ମିଲିର ବୟସ ୯ବର୍ଷ ହେବ। ଛତିଶଗଡ଼ର କାନନ ପେଣ୍ଡାରୀ ଚିଡିଆଖାନା ବିଳାସପୁରରୁ ଏକ ୭ଜଣିଆ ଦଳ ଏହି ଜଳହସ୍ତୀ ଦ୍ୱୟଙ୍କୁ ନେବାକୁ ଗୁରୁବାର ନନ୍ଦନକାନନରେ ପହଞ୍ଚିଥିଲେ। ଶୁକ୍ରବାର ଅପରାହ୍ନରେ ୬୩ନଂ ଏନ୍‌କ୍ଲୋଜରରେ ରହୁଥିବା ଜଳହସ୍ତୀମାନଙ୍କ ମଧ୍ୟରୁ ଜଲି, ମିଲିକୁ ଧରିବାକୁ ଏଠାକାର କର୍ମଚାରୀମାନେ ଉଦ୍ୟମ ଆରମ୍ଭ କରିଥିଲେ। ରାତି ପ୍ରାୟ ୧୦ଟାରେ ଉଭୟଙ୍କୁ ଅନ୍ୟ ଜଳହସ୍ତୀଠାରୁ ଅଲଗା କରି କର୍ମଚାରୀମାନେ ଧରିବାରେ ସକ୍ଷମ ହୋଇଥିଲେ। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ୧୭ ମାର୍ଚ୍ଚ ୨୦୨୦ରେ ଛତିଶଗଡ଼ର କାନନ ପେଣ୍ଡାରୀ ଚିଡିଆଖାନା ବିଳାସପୁରରୁ ନନ୍ଦନକାନନକୁ ୪ଟି ଏସୀୟ ସିଂହ ନନ୍ଦନକାନନକୁ ଆସିଥିଲା। କିନ୍ତୁ ପ୍ରତିବଦଳରେ ନନ୍ଦନକାନନରୁ ଯିବାକୁ ଥିବା ଦୁଇଟି ଜଳହସ୍ତୀକୁ ନେବାକୁ ସେଠାକାର ଚିଡିଆଖାନାର ପ୍ରତିନିଧି ଦଳ ଆସି ନ ଥିବାରୁ ଏହି ଜଳହସ୍ତୀ ଦ୍ୱୟ ଯାଇପାରି ନ ଥିଲେ। ତେବେ ବିଳାସପୁରକୁ ଦୁଇଟି ଜଳହସ୍ତୀ ଯିବା ପରେ ନନ୍ଦନକାନନରେ ୧୧ରେ ପହଞ୍ଚିଛି। ସେଥିମଧ୍ୟରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ ଅଣ୍ଡିରା ଓ ୭ ମାଈ ରହିଛନ୍ତି।

### ନନ୍ଦନକାନନରେ ମାଙ୍କଡ଼ କାମୁଡ଼ାରେ ପର୍ଯ୍ୟଟକ ଆହତ

**ବାରଙ୍ଗ,୨୦।୨(ଡି.ଏନ୍.ଏ.)-** ନନ୍ଦନକାନନରେ ବୁଲା ମାଙ୍କଡ଼ଙ୍କ ଆତଙ୍କ କମିବାରେ ନା ଧରୁନାହିଁ। ପରିସରରେ ବୁଲୁଥିବାବେଳେ ପର୍ଯ୍ୟଟକଙ୍କ ଉପରକୁ ଗଛରୁ ଡେଇଁ ହାତରେ ଧରିଥିବା ଖାଦ୍ୟ ପଦାର୍ଥ ଛଡାଇନେବା ନିତିଦିନିଆ ଘଟଣା ହୋଇଗଲାଣି। ବେଳେବେଳେ ପର୍ଯ୍ୟଟକଙ୍କୁ ଖଣ୍ଡିଆଖାବରା ମଧ୍ୟ କରିଥିବାର ଦେଖିବାକୁ ମିଳିଛି। ସେଭଳି ଏକ ମାଙ୍କଡ଼ କାମୁଡ଼ାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ବାଲେଶ୍ୱରରୁ ବନମାଳୀ ସେନାପତି ନାମକ ବୃଦ୍ଧ ସପରିବାରେ ଶନିବାର ନନ୍ଦନକାନନକୁ ବୁଲିବାକୁ ଆସିଥିଲେ। ନନ୍ଦନକାନନ ବୁଲି ଫେରୁଥିବାବେଳେ ମୁଖ୍ୟଫାଟକ ପାଖରେ ହଠାତ୍ ଏକ ମାଙ୍କଡ଼ ଆସି ବନମାଳୀଙ୍କ ହାତରୁ ଧରିଥିବା ଏକ ପ୍ୟାକେଟ ଛଡ଼ାଇବା ସହ ଡାହାଣ ହାତକୁ କାମୁଡି କ୍ଷତାକ୍ତ କରିଦେଇଥିଲା। ସେଠାରେ ଉପସ୍ଥିତ କର୍ମଚାରୀମାନେ ଆହତ ବୃଦ୍ଧଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇ ଛାଡ଼ିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଞ୍ଜିତା



@ ମନୋରମା


@ ବିକାଶ


@ ଅମରଜିତ୍


@ ରିତିକ୍


@ ରବିନ୍


@ ଶୈଳେନ୍ଦ୍ର


@ ସନ୍ତୋଷ

## ଦୁର୍ଘଟଣା: ବ୍ଲକ କର୍ମଚାରୀ ଗୁରୁତର

ବୋଲଗଡ଼, (ଡି.ଏନ୍.ଏ.): ବୋଲଗଡ଼ ଥାନା ରାଜସୁନାଖଲାସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଏହାର ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଛାମୁଣ୍ଡିଆ ନୂଆପଲ୍ଲୀ ଗ୍ରାମର ପ୍ରଦୀପ କହଲସିଂହ। ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ଅଧୀନରେ ସେ ଜିଆରଏସ୍ ଭାବେ କାର୍ଯ୍ୟରତ। ସୂଚନା ମୁତାବକ, ବୋଲଗଡ଼ରେ ପ୍ରଦୀପ ଏକ ଭୋଜିରେ ଯୋଗଦେଇ ରାତିରେ ଘରକୁ ବାଇକ୍‌ରେ ଫେରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଚାଲୁନି ପାସେଞ୍ଜର ଟ୍ରେନ୍, ବାଧୁଛି ବସ୍ ଭଡ଼ା

ପୁରୀ ଅଫିସ,୨୦।୨

- କଲେଜ ଆସିପାରୁନାହାନ୍ତି ଛାତ୍ରୀଛାତ୍ର
- ପାସେଞ୍ଜର ଚଳାଚଳ ଦାବି ଜୋର ଧରିଲା



କୋଭିଡ୍-୧୯ ସ୍ଥିତିରେ ସୁଧାର ଆସିବା ପରଠାରୁ ଦେଶର ବିଭିନ୍ନ ସ୍ଥାନରେ ପାସେଞ୍ଜର ରେଳସେବା ଆରମ୍ଭ ହେଲାଣି। ହେଲେ ଓଡ଼ିଶା ଦେଇ ଚାଲୁଥିବା ପୂର୍ବତଟ ରେଳପଥ ଅନ୍ତର୍ଗତ ରେଳସେବାରେ ପାସେଞ୍ଜର ସେବା ଏଯାବତ୍ ଆରମ୍ଭ ହୋଇପାରିନି। ଅଳ୍ପ କେତେକ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି। ପାସେଞ୍ଜର ଟ୍ରେନ୍ ସେବା ବନ୍ଦ ହେବା ହେତୁ ଏହାର ପ୍ରଭାବ ସିଧାସଳଖ ସ୍ଥାନୀୟ ଯାତ୍ରୀଙ୍କ ଉପରେ ପଡୁଛି। ପୁରୀ ସହରକୁ ଆସିବା ପାଇଁ ପାସେଞ୍ଜର ଟ୍ରେନ ଚଳାଚଳ କରୁ ନ ଥିବାରୁ ଭୁବନେଶ୍ୱରରୁ ପୁରୀ ମଧ୍ୟରେ ଏହି ଟ୍ରେନରେ ଦୈନିକ ଯିବା ଆସିବା କରୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନଙ୍କୁ ଅଧିକ ଭଡ଼ା ଦେଇ ବସ୍ ଯୋଗେ ଯାତାୟାତ କରିବାକୁ ପଡୁଛି। କୋଭିଡ୍ ପୂର୍ବରୁ ପୁରୀକୁ ପାଖାପାଖି ୮ଯୋଡ଼ା ପାସେଞ୍ଜର ଟ୍ରେନ୍ ଚାଲିଥିଲା। ପୁରୀ-ରାଉରକେଲା, ପୁରୀ-ଗୁଣୁପୁର, ପୁରୀ-କଟକ ମେମୁ, ପୁରୀ-ସାନ୍ତ୍ରାଗାଛି, ପୁରୀ-ଅନୁଗୋଳ ମେମୁ, ପୁରୀ-ତାଳଚେର ମେମୁ ଓ ୨ଟି ପୁରୀ ଖୋର୍ଦ୍ଧା ପାସେଞ୍ଜର ଟ୍ରେନ ଚାଲୁ ରହିଥିଲା। ମାତ୍ର ଏବେ ଏଥିମଧ୍ୟରୁ କିଛି ବି ଚାଲୁ ନାହିଁ। ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, କଣାସ ରୋଡ୍, ଡେଲାଙ୍ଗ, ମୋଟରୀ, ଜେନାପୁର ଭଳି ସ୍ଥାନରୁ ପୁରୀକୁ ଅନେକ ଯାତ୍ରୀ ପାସେଞ୍ଜର ଟ୍ରେନ୍‌ରେ ଯିବାଆସିବା କରନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ସରକାରୀ ଚାକିରିଆ ଓ ଛାତ୍ରୀଛାତ୍ର। ପୁରୀ ଜିଲାରେ ଥିବା କଲେଜଗୁଡ଼ିକ ମଧ୍ୟ ଖୋଲି ସାରିଲାଣି। ଯାହା ଫଳରେ ଛାତ୍ରୀଛାତ୍ରମାନେ ରେଳ ଯୋଗେ ଯାତାୟତ କରିବା ନେଇ ବ୍ୟଗ୍ର। ଜିଲାର ପ୍ରମୁଖ କଲେଜ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟକୁ ଗ୍ରାମାଞ୍ଚଳରୁ ଅନେକ ଛାତ୍ରୀଛାତ୍ର ଆସୁଛନ୍ତି। ପୁରୀ-ଅନୁଗୋଳ ମେମୁ ଓ ପୁରୀ-କଟକ ମେମୁ ସେମାନଙ୍କ ପାଇଁ ଏକ ସୁଲଭ ଓ ସମୟ ଉପଯୋଗୀ ଯାତ୍ରାର ମାଧ୍ୟମ ଥିଲା। ମାତ୍ର ରେଳସେବା ବନ୍ଦ ହେବା ଯୋଗୁ ଏମାନେ ମଧ୍ୟ ବାଧ୍ୟ ହୋଇ ବସ୍ ଯୋଗେ ପୁରୀ ଆସୁଛନ୍ତି। ଅପରପକ୍ଷରେ ପୁରୀ କୋର୍ଟ, ପୌରସଂସ୍ଥା ଭଳି ଅନେକ ସରକାରୀ ଅଫିସକୁ ଜିଲାର ଭିନ୍ନ ଭିନ୍ନ ଅଞ୍ଚଳରୁ ଲୋକେ ଏବେ ବସ୍ ଯୋଗେ ଆସୁଛନ୍ତି। ଏମାନେ ପୂର୍ବରୁ ଟ୍ରେନ୍‌କୁ ଯାତାୟାତର ମାଧ୍ୟମ ଭାବେ ବାଛିଥିଲେ। ଏନେଇ ପ୍ରତିକ୍ରିୟା ରଖି ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଛାତ୍ର ବିକାଶ ବଡ଼ଜେନାଙ୍କ କହିବା କଥା ହେଲା, ଟ୍ରେନ୍‌ରେ ଖୁବ୍ କମ୍ ଭଡ଼ା ଦେଇ ଡେଲାଙ୍ଗରୁ କଲେଜ୍ ଆସିପାରୁଥିଲୁ। ମାତ୍ର ଏବେ ଏହି ସୁବିଧା ମିଳୁନି। ପାଠପଢ଼ା ଏବେ ନିୟମିତ ହେଉଥିବାରୁ କଲେଜ କିମ୍ବା କୋଚିଂ ସେଣ୍ଟର ବନ୍ଦ କରିବା ସମ୍ଭବ ନୁହେଁ। ଉଭୟ କଲେଜ ଓ ଟ୍ୟୁସନ୍ ପାଇଁ ପୁରୀ ସହରକୁ ପ୍ରତିଦିନ ଆସିବାକୁ ପଡୁଛି। ପ୍ରତ୍ୟେକ ଦିନ ବସ୍ ଯୋଗେ ଆସିବା କରାଯାଉଥିବାରୁ ବସ୍ ଭଡ଼ା ବାଧୁଛି। ବସ୍ ଯୋଗେ ଯିବାଆସିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନ ଥିବାରୁ କଲେଜରେ ଉପସ୍ଥାନ ମଧ୍ୟ କମିଛି। ଅନ୍ୟପକ୍ଷରେ ଏକ୍ସପ୍ରେସ ମଧ୍ୟରେ କେବଳ ନୀଳାଚଳ ଏକ୍ସପ୍ରେସ ଯାହା ସପ୍ତାହକୁ ଥରେ ମାତ୍ର ଚାଲୁଛି ଓ ସାକ୍ଷୀଗୋପାଳଠାରେ ଅଟକୁଛି। ଏହାବ୍ୟତୀତ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ପୁରୀରୁ ଖୋର୍ଦ୍ଧାରୋଡ୍ ମଧ୍ୟରେ ଅଟକୁ ନାହିଁ ବୋଲି ବଡ଼ଜେନା କହିଛନ୍ତି।

ଅପରପକ୍ଷରେ ପାସେଞ୍ଜର ରେଳସେବା କେବେ ଆରମ୍ଭ ହେବ ସେନେଇ କୌଣସି ସୂଚନା ନାହିଁ। ପୂର୍ବତଟ ରେଳପଥ ଏନେଇ ନିଷ୍ପତ୍ତି ନେବା ପରେ ପାସେଞ୍ଜର ଚାଲିବା ନେଇ ଥିବା ଅଡୁଆ ତୁଟିବ ବୋଲି ପୁରୀ ରେଳଷ୍ଟେଶନର ଭାରପ୍ରାପ୍ତ ଷ୍ଟେଶନ ମାଷ୍ଟର ବୀରେନ୍ଦ୍ର ସିଂ କହିଛନ୍ତି। ସେହିଭଳି ପୂର୍ବତଟ ରେଳପଥର ଜଣେ ବରିଷ୍ଠ ଅଧିକାରୀ ନିଜ ନାମକୁ ଗୋପନ ରଖି କହିଛନ୍ତି, ପାସେଞ୍ଜର ରେଳସେବା ଚାଲୁ କରିବା ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଗଲାଣି। ଏନେଇ ରେଲ୍‌ୱେ ବୋର୍ଡକୁ ମଧ୍ୟ ସୂଚନା ଦିଆଯାଇଛି। ତେବେ ରେଲୱେ ବୋର୍ଡ ଓ ପ୍ରଶାସନ ସ୍ତରରେ ଆଲୋଚନା ପରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତଥାପି ପାସେଞ୍ଜର ରେଳସେବା କେବେ ଆରମ୍ଭ ହେବ ସେନେଇ କିଛି କହି ହେବ ନାହିଁ। ଟ୍ରେଡ୍ ୟୁନିୟନ ପକ୍ଷରୁ ମଧ୍ୟ ପାସେଞ୍ଜର ସେବା ଆରମ୍ଭ କରିବା ନେଇ ଦାବି ଆରମ୍ଭ ହୋଇସାରିଛି। ପୂର୍ବତଟ ରେଳପଥ ଟ୍ରେଡ୍ ୟୁନିୟନ୍ ପୁରୀ ଜୋନ୍ ଅତିରିକ୍ତ ସାଧାରଣ ସମ୍ପାଦକ ଅମ୍ରିତ ମିଶ୍ର କହିଛନ୍ତି, ପାସେଞ୍ଜର ରେଳସେବା ଖୁବ୍‌ଶୀଘ୍ର ଆରମ୍ଭ ହେବାର ଆବଶ୍ୟକ ରହିଛି। ସାଧାରଣ ଲୋକେ ପୁରୀ ସହରକୁ ଆସିବା ପାଇଁ ରେଳସେବାକୁ ଅଗ୍ରାଧିକାର ଦିଅନ୍ତି। ଏଣୁ ପାସେଞ୍ଜର ରେଳସେବା ଆରମ୍ଭ ନେଇ ପଦକ୍ଷେପ ନିଆଯିବା ଦରକାର।

## ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ପୁରୀ ଅଫିସ,୨୦।୨

ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ଶନିବାର ମାଟିତୋଟା ପଡ଼ିଆରେ ଖେଳାଳି ଚୟନ ହୋଇଛି। ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା ହୋଇଛି। ଏଥିରେ ସାତପଡ଼ା, କଣାସ, ବ୍ରହ୍ମଗିରି, ନିମାପଡ଼ା, ସାକ୍ଷୀଗୋପାଳ, ଡେଲାଙ୍ଗ, ଚନ୍ଦନପୁର, ଯୋଗମାୟା କ୍ଲବ୍, ପୁରୀ ସ୍ପୋର୍ଟ୍ସ କ୍ଲବ୍ ଓ ଗୋପ ଅଞ୍ଚଳରୁ ୬୦ଜଣ ଖେଳାଳି ସାମିଲ ହୋଇଥିଲେ। ଆସନ୍ତା ୨୫ତାରିଖରେ କନ୍ଧମାଳରେ ହେବାକୁ ଥିବା ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ପାଇଁ ପୁରୀ ଜିଲାରୁ ମନୋନୀତ ହୋଇଥିବା ୧୨ଜଣ ଖେଳାଳି ଯୋଗଦେବେ। ଏହି ଚୟନ ପ୍ରକ୍ରିୟାରେ ତ୍ରିଲୋଚନା ଦାସ, ଶ୍ରୀକାନ୍ତ ନାୟକ, ପାର୍ଥସାରଥୀ ମୁଦୁଲି, ନାରାୟଣ ସାହୁ, ସଞ୍ଜୀବ କୁମାର ଭଞ୍ଜ, ଦେବ ସେଠୀ ପ୍ରମୁଖ ଚୟନକର୍ତ୍ତା ଭାବ ଯୋଗ ଦେଇଥିଲେ। ଏଥିରେ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରବିନାରାୟଣ ପ୍ରତିହାରୀଙ୍କ କହିଛନ୍ତି, ଚୟନ ହୋଇଥିବା ଖେଳାଳିଙ୍କ ପ୍ରଶିକ୍ଷଣ ଉପରେ ଧ୍ୟାନ ଦେବା ଏବେ ଆମର ପ୍ରାଥମିକତା।

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ଆଚାର୍ଯ୍ୟ ହରିହର ଶିଶୁ ଭବନର ୪୨ତମ ପ୍ରତିଷ୍ଠା ଉତ୍ସବ, ଶିଶୁଭବନ ପରିସର, ପୂର୍ବାହ୍ନ ୧୦ ଟା।
- ଗୋଟିପୁଅ ନୃତ୍ୟ ଉତ୍ସବ ଉଦ୍‌ଯାପନ, ରଘୁରାଜପୁର, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ, ଗୀତା ଭବନ ପରିସର, ସକାଳ ୯ଟା।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଗୋପ,୨୦।୨(ଡି.ଏନ୍.ଏ.)- ଗୋପ ଥାନା ଅଧୀନ ଗୋପ ବଜାର ନିକଟସ୍ଥ ଏକ ଭଡ଼ା ଘରେ ରହୁଥିବା ଜଣେ ଯୁବକଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗସ୍ଥିତ ମୁର୍ସିଦାବାଦ ଅଞ୍ଚଳର ସମଶେଦ ଶେଖ (୨୨)। ସେ କିଛିଦିନ ହେବ ଗୋପ ଅଞ୍ଚଳରେ ରହି ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ତେବେ ସମଶେଦ ଶନିବାର ସକାଳେ କାମକୁ ନ ଯାଇ ଘରେ ରହିଥିଲେ। କୌଣସି ସମସ୍ୟା ନେଇ ସେ ଚିନ୍ତାଗ୍ରସ୍ତ ଥିବାବେଳେ ଅପରାହ୍ନ ପର୍ଯ୍ୟନ୍ତ ଘରୁ ନ ବାହାରିବାରୁ ସ୍ଥାନୀୟ କେତେଜଣ ଯୁବକ ଝରକା ପଟେ ଦେଖିବାବେଳେ ପଙ୍ଖାରେ ରଶି ଲଗାଇ ଝୁଲୁଥିଲେ। ଗୁରୁତର ଅବସ୍ଥରେ ତାଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୁରୀ ପଠାଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ସଦର ଡାକ୍ତରଖାନାକୁ ଯିବା ପରେ ସେଠାରେ ଡାକ୍ତର ସମଶେଦଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

### ଗାଡ଼ି ଧକ୍କାରେ ହରିଣ ମୃତ

କୋଣାର୍କ,୨୦।୨(ଡି.ଏନ୍.ଏ.)- କୋଣାର୍କ - ପୁରୀ ବେଳାଭୂମି ରାସ୍ତାର କଇଁଚ ଘର ସମ୍ମୁଖରେ ଶନିବାର ସକାଳ ୬ଟାରେ ଏକ ଗାଡ଼ି ଧକ୍କାରେ ଏକ ମାଈ ହରିଣର ମୃତ୍ୟୁ ଘଟିଛି। ଖବର ଅନୁଯାୟୀ, କୋଣାର୍କ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲରେ ଖାଦ୍ୟଅଭାବ ଯୋଗୁ ବହୁବାର ଖାଦ୍ୟ ଅନ୍ୱେଷଣରେ ଆସି ହରିଣମାନେ ମୃତ୍ୟୁବରଣ କରୁଥିବା ନଜିର ରହିଛି। ଶନିବାର ସକାଳ ସମୟରେ ଖାଦ୍ୟ ଅନ୍ୱେଷଣରେ ଏକ ହରିଣଟି ରାସ୍ତାକୁ ଆସି ଯାଇଥିଲା। ତେବେ ହଠାତ୍ ଏକ ଗାଡ଼ି ଧକ୍କା ଦେବାରୁ ସେଠାରେ ହିଁ ତା'ର ମୃତ୍ୟୁ ହୋଇଥିଲା। ଏହାଦେଖି ନିକଟରେ କାର୍ଯ୍ୟରତ କେତେଜଣ ବନ କର୍ମଚାରୀ ହରିଣଟିକୁ ଆଣି ଜଙ୍ଗଲ ମଧ୍ୟରେ ପକାଇଦେଇଥିଲେ। ପରେ ଖବରପାଇ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ହରିଣକୁ ଖୋଜାଖୋଜି କରିବାରୁ ଘଟଣାର ସତ୍ୟତା ଲୋକଲୋଚନକୁ ଆସିଥିଲା। କୋଣାର୍କ ବନ ବିଭାଗ ପକ୍ଷରୁ ମୃତ ହରିଣଟିକୁ ବ୍ୟବଚ୍ଛେଦ କରି ପୋତିଦିଆଯାଇଥିଲା। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କୁହନ୍ତି, ଘଟଣା ସମ୍ବନ୍ଧରେ ମୁଁ ଅବଗତ ନ ଥିଲି। ମୃତ ହରିଣକୁ ଜଙ୍ଗଲ ମଧ୍ୟରେ ପକାଇଥିବା ବନ କର୍ମଚାରୀଙ୍କ ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

### ଜନସେବା କେନ୍ଦ୍ରରୁ ଚୋରି

ନିମାପଡ଼ା,୨୦।୨(ଡି.ଏନ୍.ଏ.)- ଚାରିଛକ ଫାଣ୍ଡି ଅନ୍ତର୍ଗତ ଛଣିଜଙ୍ଗ ଛକରେ ଥିବା ଏକ ଜନସେବା କେନ୍ଦ୍ରର ଶୁକ୍ରବାର ରାତିରେ ତାଲା, ଆଜବେଷ୍ଟସ ଭାଙ୍ଗି କେତେଜଣ ଦୁର୍ବୃତ୍ତ କମ୍ପ୍ୟୁଟର, ଜେରକ୍ସ ମେସିନ ଆଦି ଚୋରି କରି ନେଇଥିବା ଶନିବାର ଫାଣ୍ଡି ଓ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୬୦ହଜାର ଟଙ୍କା ହେବ ବୋଲି କେନ୍ଦ୍ର ମାଲିକ ଛଣିଜଙ୍ଗ ଗ୍ରାମର ତୋଫାନ କୁମାର ମହାପାତ୍ର କହିଛନ୍ତି। ଏ ନେଇ ପୋଲିସ ଏକ ମାମଲା ( ନ.୬୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଚକ୍ଷୁ ଚିକିତ୍ସା ଶିବିର

ବଳଙ୍ଗା,୨୦।୨(ଡି.ଏନ୍.ଏ.)- ବଳଙ୍ଗା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ହେଲ୍ପ ଏଜ୍ ଇଣ୍ଡିଆ ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବଳଙ୍ଗା ନିକଟବର୍ତ୍ତୀ ପଞ୍ଚାୟତଗୁଡିକରୁ ୫୭ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା, ସେଥିମଧ୍ୟରୁ ୧୪ଜଣଙ୍କୁ ଚିହ୍ନଟ କରାଯାଇ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।



ପ୍ରଥମଥର ଓଡ଼ିଆ ଚଳଚ୍ଚିତ୍ରକୁ ଓସ୍କାରରେ ସାମିଲ ନେଇ ପୁରୀ ସମୁଦ୍ର ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳାରେ ସ୍ୱାଗତ କରିଛନ୍ତି।

## ବ୍ଲକସ୍ତରୀୟ ଆଇନ ସେବା ସଚେତନତା

କାକଟପୁର,୨୦।୨(ଡି.ଏନ୍.ଏ.)

କାକଟପୁର ଭଣ୍ଡାଘର ପଞ୍ଚାୟତ ଆଜମପୁର ଗ୍ରାମରେ ବ୍ଲକ ଆଇନ ସୂଚନା କେନ୍ଦ୍ର ଆୟୋଜନରେ ଜନ ସୂଚନା ଓ ଆଇନ ସହାୟତା ଅଭିଯାନ ଆଲାମ ଖାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଜନ ସୂଚନା ଓ ଆଇନ ସହାୟତା କେନ୍ଦ୍ରର ମୁଖ୍ୟ ଲଳିତ କୁମାର ମିଶ୍ର ଉପସ୍ଥିତ ରହି ଭାରତର ନାଗରିକଙ୍କୁ ସ୍ୱାସ୍ଥ୍ୟ, ନିରାପତ୍ତା, ସୁବିଧା, ଶାଳିନତା ଉପରେ ବୁଝାଇଥିଲେ। କେଉଁ ଅପରାଧ ପାଇଁ କେଉଁ ଆଇନ ଦଫା ଲାଗିବ ତାହା କହିଥିଲେ। କାର୍ଯ୍ୟକ୍ରମକୁ ନର୍ଗିସ ବାହାର, ରହେବର ଅଲ୍ଲି, ସେଖ ସାହେଯାଦା କ୍ୟୁରେସି, ସେଖ ସୁନିଲ, ଅନୱରରୁଲ ଓ ଜୁଲଫିକର ଅଲ୍ଲୀ ଭଳି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁନଃ ନିଯୁକ୍ତି ଦାବି

ପୁରୁଣା ଭୁବନେଶ୍ୱର, ୨୦।୨ (ଡି.ଏନ୍.ଏ.)

ପିପିଲି ବ୍ଲକ ଅଧୀନ ସ୍ୱପ୍ନେଶ୍ୱର ଦେବ ହାଇସ୍କୁଲରେ ଦଶମ ଶ୍ରେଣୀର ସିଲାବସ ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଧାନ ଶିକ୍ଷୟିତ୍ରୀ, ଅନ୍ୟ ଦୁଇ ଶିକ୍ଷୟିତ୍ରୀ ଏବଂ ପୂର୍ବରୁ ପ୍ରଧାନ ଶିକ୍ଷକଭାବେ ଇନ୍‌ଚାର୍ଜ ଥିବା ଜଣେ ଶିକ୍ଷକଙ୍କ ମଧ୍ୟରେ ବିଶୃଙ୍ଖଳା ନେଇ ପାଠପଢ଼ା ବ୍ୟାହତ ହୋଇଛି। ଏନେଇ ଅଭିଯୋଗ ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଇନଚାର୍ଜ ଥିବା ଶିକ୍ଷକଙ୍କୁ ବଦଳି କରାଯାଇଥିଲା। ୧୦୫୯(କ) ୨୦୯୧/୨୧ଟିରେ ସମ୍ପୃକ୍ତ ଶିକ୍ଷକଙ୍କୁ ପିପିଲି ହାଟସାହିସ୍ଥିତ ପଞ୍ଚାୟତ ହାଇସ୍କୁଲରେ ପ୍ରଶାସନିକ ନିଷ୍ପତ୍ତିରେ ନିୟୋଜିତ କରାଯାଇଥିଲା। ମାତ୍ର ଅଦ୍ୟାବଧି ସମ୍ପୃକ୍ତ ଶିକ୍ଷକ ପଞ୍ଚାୟତ ହାଇସ୍କୁଲରେ କାର୍ଯ୍ୟରେ ଯୋଗ ନ ଦେବାରୁ ବିଦ୍ୟାଳୟରେ ପୁନଃ ବିଶୃଙ୍ଖଳା ଆରମ୍ଭ ହୋଇଛି। ସମ୍ପୃକ୍ତ ଶିକ୍ଷକ ୧୦ମାସ ପରେ ଅବସର ନେବାକୁ ଥିବା ବେଳେ କେତେଜଣ ବ୍ୟକ୍ତି ପୁନଃ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦେବାକୁ ଦାବି କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅସୁସ୍ଥତା କାରଣରୁ କାର୍ଯ୍ୟରେ ଯୋଗଦେଇ ନ ଥିବା ଜଣାପଡ଼ିଛି। ତାଙ୍କ ବଦଳିକୁ ବିରୋଧ କରି ପୁନଃ ଅବସ୍ଥାପିତ କରିବା ପାଇଁ କେତେଜଣ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ଜିଲା ଶିକ୍ଷାଧିକାରୀ, ଗଣଶିକ୍ଷାମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ବିଭାଗୀୟ ନିଷ୍ପତ୍ତି ପରିବର୍ତ୍ତନ ହେବ ନାହିଁ ବୋଲି ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ କହିଛନ୍ତି। ଅନ୍ୟପଟେ ଡେପୁଟେଶନରେ ଆସିଥିବା ରଘୁନାଥ ପ୍ରଧାନ କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଶନିବାର ସମ୍ପୃକ୍ତ ଶିକ୍ଷକଙ୍କ ରିଲିଭ ଅର୍ଡର ଲେଖୁଥିବା ବେଳେ କେତେକ ବ୍ୟକ୍ତିଙ୍କ ବିଶୃଙ୍ଖଳା ନେଇ ସ୍ଥଗିତ ରଖାଯାଇଛି।

## ୨ ମହିଳା ଗୋଷ୍ଠୀ ସଂଘର୍ଷ, ୫ ଆହତ

ପିପିଲି,୨୦।୨(ସ୍ୱ.ପ୍ର.)

**ଚଉଦମାଣରେ ରାଜନୀତି ହିଂସା**

ପିପିଲି ବ୍ଲକ ନୂଆଶାସନ ସରପଞ୍ଚ ଉପନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଛି ରାଜନୈତିକ ହିଂସା। ଆସନ୍ତା ୨୪ ତାରିଖରେ ସରପଞ୍ଚ ଉପନିର୍ବାଚନ ହେବାକୁ ଥିବାବେଳେ ଶନିବାର ଚଉଦମାଣ ଗ୍ରାମରେ ୨ ମହିଳା ଗୋଷ୍ଠୀ ମଧ୍ୟରେ ରାଜନୈତିକ ଉତ୍ତେଜନା ହୋଇ ସଂଘର୍ଷ ଘଟିଛି। ଏହି ସଂଘର୍ଷରେ ଉଭୟ ପକ୍ଷର ୫ରୁ ଊର୍ଦ୍ଧ୍ୱ ମହିଳା ଆହତ ହୋଇଥିବା ବେଳେ ସେମାନଙ୍କୁ ପ୍ରଥମେ ପିପିଲି ମେଡିକାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ରାତି ପ୍ରାୟ ୭ଟାରେ ପିପିଲି ଥାନାରେ ୩ଟି ପୃଥକ ଅଭିଯୋଗ ହୋଇଛି। ଅଭିଯୋଗ ଗ୍ରହଣ କରି ପିପିଲି ଥାନାଧିକାରୀ ଗୌରାଙ୍ଗଚରଣ ପୃଷ୍ଟି ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଏହି ଗଣ୍ଡଗୋଳରେ ପିପିଲି ବ୍ଲକ ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ପୃଷ୍ଟି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଭାଜପା ସମର୍ଥିତ ପ୍ରତିମା ସାହୁ, ଝୁମୁନା ଦେବତା, ସୁକାନ୍ତି ବେହେରା ପ୍ରମୁଖ ଆହତ ହୋଇଥିବାବେଳେ ପ୍ରତିମା ଓ ଝୁମୁନାଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଚଉଦମାଣ ଗ୍ରାମରେ ଅପରାହ୍ନ ୪ଟାରେ ପ୍ରାୟ ୮ଟି ମହିଳା ଗୋଷ୍ଠୀର ବୈଠକ ହେଉଥିଲା। ତେବେ ଏହି ସମୟରେ ଜଣେ ମହିଳା ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ ବାଧ୍ୟ କରିଥିଲେ। ତେବେ ଏହାକୁ ନେଇ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ରାଜନୈତିକ ହିଂସା ଉଗ୍ରରୂପ ନେଇ ୨ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ଏକାଧିକ ମହିଳା ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚିବା ସହ ଘଟଣାସ୍ଥଳରେ ଫୋର୍ସ ମୁତୟନ କରିବା ସହ ପରିସ୍ଥିତି ପ୍ରତି କଡ଼ା ନଜର ରଖିଛି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ୩ଟି ପୃଥକ ଅଭିଯୋଗ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ପ୍ରତି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ପୃଷ୍ଟି କହିଛନ୍ତି।

## ଭୁଜାଲି ଦେଖାଇ ବ୍ୟବସାୟୀଙ୍କଠାରୁ ଲୁଟ୍

ବଳଙ୍ଗା,୨୦।୨ (ଡି.ଏନ୍.ଏ.)

ବଳଙ୍ଗା ଥାନା ଅଧୀନ ଭାଣପୁର ଛକରେ ଶନିବାର ୨ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ଭୁଜାଲି ଦେଖାଇ ୩୫ହଜାର ଟଙ୍କ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା (ନଂ.୩୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଭୁବନେଶ୍ୱରର ଔଷଧ ବ୍ୟବସାୟୀ ସନ୍ତୋଷ ବଳିଆର ସିଂ ଶନିବାର ପୁରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଔଷଧ ଦୋକାନରୁ ଟଙ୍କା ଆଦାୟ କରି ଫେରୁଥିଲେ। ତେବେ ନିମାପଡ଼ା ପିପିଲି ମୁଖ୍ୟ ରାସ୍ତା ଭାଣପୁର ଛକଠାରେ ୨ଜଣ ଯୁବକ ବାଇକ୍‌ରେ ଆସି ସନ୍ତୋଷଙ୍କୁ ଅଟକାଇ ଛୁରି, ଭୁଜାଲି ଦେଖାଇ ସନ୍ତୋଷଙ୍କ ନିକଟରେ ଥିବା ୩୫ହଜାର ଟଙ୍କା ଛଡ଼ାଇ ନେଇଯାଇଥିଲେ।

## ପିପିଲି-ଡେଲାଙ୍ଗ ବୁଲି ସ୍ଥାନ ନିରୂପଣ କଲେ ଜିଲାପାଳ

ପିପିଲି/ଡେଲାଙ୍ଗ,୨୦।୨ (ସ୍ୱ.ପ୍ର/ଡି.ଏନ୍.ଏ.)



**୨୩ରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ସମାବେଶ**

ପିପିଲି ବିଧାନସଭା ଉପନିର୍ବାଚନ ପୂର୍ବରୁ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ଲୋକଙ୍କ ସହିତ ଆସନ୍ତା ୨୩ତାରିଖରେ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ଶନିବାର ଜିଲାପାଳ ସମର୍ଥ ବର୍ମା ପିପିଲି ଓ ଡେଲାଙ୍ଗ ଗସ୍ତରେ ଆସିଥିଲେ। ଭର୍ଚୁଆଲ ବୈଠକ ପାଇଁ ପ୍ରଶାସନ ପକ୍ଷରୁ ପିପିଲିର କିଛି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଛି। ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ବାଲିପଡ଼ିଆ ସ୍ଥାନ ନିଷ୍ପତ୍ତି ହୋଇଥିବା ବେଳେ ଡେଲାଙ୍ଗ ବ୍ଲକର ଡେଲାଙ୍ଗ ରେଳ ଷ୍ଟେଶନ ସନ୍ନିକଟ ରେଞ୍ଜଠାରେ ଥିବା ପଡ଼ିଆକୁ ସ୍ଥିର କରାଯାଇଛି। ଏହି ୨ଟି ସ୍ଥାନକୁ ଜିଲାପାଳ ବର୍ମା ବୁଲି ଦେଖି ଅନୁଧ୍ୟାନ କରି ଫେରିଛନ୍ତି। ତାଙ୍କ ସହ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ପୂଜା ରାଉତ ପ୍ରମୁଖ ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ପିପିଲି-ଡେଲାଙ୍ଗବାସୀଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଥିବାବେଳେ ଆଗକୁ ଉପନିର୍ବାଚନ ଥିବାରୁ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିପାରନ୍ତି ବୋଲି ସୂଚନା ମିଳିଛି। ସେହିଭଳି ଡେଲାଙ୍ଗର ସ୍ଥାନ ପରିଦର୍ଶନ ବେଳେ ଡେଲାଙ୍ଗ ବିଡିଓ କ୍ଷୀରେଦ ପ୍ରଧାନ, ତହସିଲଦାର, ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ।

## ୨.୫୦ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୨୦।୨ (ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଥାନା ରେଞ୍ଜ ଛକରେ ଶନିବାର ଚଢ଼ାଉ କରାଯାଇ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ରେଞ୍ଜ ଗ୍ରାମର ସୂର୍ଯ୍ୟନାରାୟଣ କାଣ୍ଡି। କୋର୍ଟ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରିଦେଇଥିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ୨୧ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଅବକାରୀ ବିଭାଗ ଏକ ମାମଲା (ନଂ.୬୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ନିମାପଡ଼ାର ରେଞ୍ଜ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସିଥିଲା। ଏ ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ଓ ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସ୍‌ଆଇ ଯୋଗମାୟା ମଲ୍ଲିକ, ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ସଦଳବଳ ଚଢ଼ାଉ କରି ଧରିଥିଲେ।

## ରଘୁରାଜପୁରରୁ ଆରମ୍ଭ ହୋଇଥିଲା ଗୋଟିପୁଅ ନୃତ୍ୟ

ସାକ୍ଷୀଗୋପାଳ,୨୦।୨(ଡି.ଏନ୍.ଏ.)

- ଗୁରୁ ମାଗୁଣି ଦାସ ସ୍ମୃତି ଗୋଟିପୁଅ ନୃତ୍ୟ ଉତ୍ସବ
- ଗୋଟିପୁଅ ନୃତ୍ୟଗୁରୁ ପାଗଳ ସ୍ୱାଇଁ ସମ୍ବର୍ଦ୍ଧିତ
- ଛାତ୍ରାବାସ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ



ଉତ୍ସବରେ ନୃତ୍ୟ ଗୁରୁ ପାଗଳ ସ୍ୱାଇଁଙ୍କୁ ଗୁରୁ ମାଗୁଣି ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ଗୋଟିପୁଅ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ମାଗୁଣି ଦାସଙ୍କ ସ୍ମୃତିରେ ୭ମ ବାର୍ଷିକ ଗୋଟିପୁଅ ନୃତ୍ୟ ଉତ୍ସବ ଶନିବାରରୁ ସାକ୍ଷୀଗୋପାଳସ୍ଥିତ ରଘୁରାଜପୁରରେ ଆରମ୍ଭ ହୋଇଛି। ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ୨ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥପତି ତଥା ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ରଘୁନାଥ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତିକାନ୍ତି ସହିତ ଜଡ଼ିତ ଐତିହ୍ୟ ସମ୍ପନ୍ନ ଶିଳ୍ପୀ ଗ୍ରାମ ରଘୁରାଜପୁରରୁ ଗୋଟିପୁଅ ନୃତ୍ୟ ସହ ଓଡ଼ିଶା କଳା ସଂସ୍କୃତିର ଜୟଯାତ୍ରା ଆରମ୍ଭ ହୋଇଥିଲା ବୋଲି ମୁଖ୍ୟଅତିଥି କହିଥିଲେ। ଏହି କଳାକୃତିକୁ ବଞ୍ଚାଇ ରଖିବା ଏଠାରେ ତାଲିମ ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟରେ ଏକ ଛାତ୍ରାବାସ ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେବାକୁ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ରଘୁରାଜପୁରର ଗୋଟିପୁଅ, ଓଡ଼ିଶୀ, ପଟଚିତ୍ର, ପଥର ଖୋଦେଇ, ଆଦି କଳାକୃତି ସମ୍ଭାର ଓଡ଼ିଶାକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍ସବ କମିଟିର ପରାମର୍ଶଦାତା, ବିଜେଡିର ସାଂସ୍କୃତିକ ସଂଯୋଜକ ରବିନାରାୟଣ ନନ୍ଦ, ସମ୍ମାନିତ ଅତିଥି ସରପଞ୍ଚ ପ୍ରଭାତ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ କମିଟି ଅଧ୍ୟକ୍ଷ ଡ. ବିନାୟକ ରଥ ସଭାପତିତ୍ୱ କରିଥିଲେ। କମିଟିର ମୁଖ୍ୟ ସଂଯୋଜକ ବସନ୍ତ ପ୍ରଧାନ ଓ ସମ୍ପାଦକ ସେବାନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୋଟିପୁଅ ନୃତ୍ୟର ବରିଷ୍ଠ ଗୁରୁ ପାଗଳ ସ୍ୱାଇଁଙ୍କୁ ଗୁରୁ ମାଗୁଣି ଦାସ ସ୍ମୃତି ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ନଗଦ ୧୦ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ମାଗୁଣି ଦାସଙ୍କ ଆଧାରିତ 'ମାଟିର ମହକ' ଗୋଟିପୁଅ ନୃତ୍ୟ ନୃତ୍ୟଶିଳ୍ପୀମାନେ ପରିବେଷଣ କରିଥିଲେ। ପୁରୀ ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ମାହାରୀ ନୃତ୍ୟ ଓ ବ୍ରହ୍ମଗିରି ନୀଳକଣ୍ଠେଶ୍ୱର ନୃତ୍ୟଶିଳ୍ପୀମାନଙ୍କ ଗୋଟିପୁଅ ନୃତ୍ୟ ପରିବେଷଣ ବେଶ ଚିତ୍ତାକର୍ଷକ ହୋଇଥିଲା। ଆଇନଜୀବୀ ଅଞ୍ଜନ ହୋତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଝାମ୍ପିନେଲେ ମୋବାଇଲ ଫୋନ

ଯାଁଳା, (ଡି.ଏନ୍.ଏ.): ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ମେଡିକାଲ ଛକରେ ଦୁଇଜଣ ଦୁର୍ବୃତ୍ତ ବାଲୁଗାଁର ବି.କେ.ସାମନ୍ତରାୟଙ୍କ ମୋବାଇଲ ଫୋନ ଝାମ୍ପି ନେଇଥିବା ଶନିବାର ଅଭିଯୋଗ ହୋଇଛି। ଯାଁଳା ଫାଣ୍ଡି ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅପରାହ୍ନ ୩ଟାରେ ସାମନ୍ତରାୟ ବାଇକ୍‌ରେ ଭୁବନେଶ୍ୱର ଯାଉଥିଲେ। ଏହି ସମୟରେ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ପିଛା କରିବା ସହ ଯାଁଳା ମେଡିକାଲ ଛକରେ ତାଙ୍କ ପକେଟରେ ଥିବା ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ସାମନ୍ତରାୟ ଫାଣ୍ଡିରେ ଅଭିଯୋଗ କରିଥିଲେ।

# ‘ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷାର ସୁରକ୍ଷା ହେଉ’

ଖୋର୍ଦ୍ଧା ଅଫିସ,୨୦।୨

**ସାରା ବିଶ୍ୱରେ ଫେବୃୟାରୀ ୨୧ ତାରିଖରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଆସୁଛି। ଏହାର ଉଦ୍ଦେଶ୍ୟ ଭାଷା ଓ ସଂସ୍କୃତିକୁ ନେଇ ଯେଉଁ ବିବିଧତା ରହିଛି, ତାହାର ସଂରକ୍ଷଣ ଓ ସମୃଦ୍ଧି। ମାତୃଭାଷା ହେଉଛି ଗୋଟିଏ ଜାତିର ପରିଚୟ। ଭାଷାର ବିକାଶରେ ସମାଜ ବିକାଶ ନିହିତ ରହିଛି। ଗୋଟିଏ ଜାତି ତା’ର ମାତୃଭାଷାକୁ ନେଇ ଗର୍ବ ଅନୁଭବ କରିଥାଏ। ମାତୃଭାଷାରେ ମମତା, ପରସ୍ପର ପ୍ରତି ସ୍ନେହ, ସଦ୍‌ଭାବ ଜଡ଼ିତ ରହିଛି। ଭାଷା ଓ ସଂସ୍କୃତି ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷାର ସୁରକ୍ଷା ଜରୁରୀ। ଭାଷାର ବିକାଶରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ଏକ ସ୍ୱତନ୍ତ୍ର ଆଲେଖ୍ୟ.......**

## ଓଡ଼ିଆ ଭାଷା ଓଡ଼ିଆଙ୍କ ଅସ୍ମିତା



ଓଡ଼ିଆ ଆମ ମାତୃଭାଷା। ଏହାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଛି। ଓଡ଼ିଆ ଭାଷାକୁ ସରକାରୀ ଭାଷାଭାବେ ୧୯୫୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଆଇନ ପ୍ରଣୟନ କରିଥିଲେ। ଆଜି ସୁଦ୍ଧା କାର୍ଯ୍ୟକାରୀ ହୋଇପାରି ନାହିଁ। ଅନ୍ୟ ରାଜ୍ୟରେ ମାତୃଭାଷାରେ ଗୁରୁତ୍ୱ ରହିଥିବା ବେଳେ ଓଡ଼ିଶାରେ ଏହାର ପ୍ରଭାବ ଶୂନ। ଇଂଲିଶ ଓ ହିନ୍ଦୀ ଭାଷା ପ୍ରଭାବ ବିସ୍ତାର କରିଚାଲିଛି। ଏହା ସତ୍ତ୍ୱେ ଆମେ ମାତୃଭାଷାକୁ ଗୁରୁତ୍ୱ ଦେବା ଆବଶ୍ୟକ। ଓଡ଼ିଆ ଭାଷା ହେଉଛି ଓଡ଼ିଆଙ୍କ ଅସ୍ମିତା। ୨୦୦୦ବର୍ଷର ପ୍ରାଚୀନ ଭାଷା ମାନ୍ୟତା ପାଇଥିବା ସତ୍ତ୍ୱେ ଆମେ ଏହାକୁ ଅନାଦର କରୁଛୁ। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାଷାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନିଜ ଭାଷାର ସୁରକ୍ଷା ଦିଗରେ ସମସ୍ତଙ୍କର ଦାୟିତ୍ୱ ରହିଛି।

**– ସତ୍ୟବାଦୀ ବଳିଆରସିଂ, ଐତିହ୍ୟ ଗବେଷକ**

## ସରକାରୀ ନଥିପତ୍ର ଓଡ଼ିଆରେ ଲେଖାଯାଉ



୨୦୦୦ବର୍ଷ ତଳ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ସରକାରୀ ସ୍ତରରେ ବ୍ୟବହାର କରାଯାଇପାରିଲା ନାହିଁ। ଆଜି ମଧ୍ୟ ସରକାରୀ ନଥିପତ୍ର ଓଡ଼ିଆ ପରିବର୍ତ୍ତେ ଇଂଲିଶରେ ଲେଖାଯାଉଛି। ଆମ୍ଭେ ପ୍ରତିବର୍ଷ ଅନ୍ତର୍ଜାତୀୟ ମାତୃଭାଷା ଦିବସରେ ବହୁ ଉଚ୍ଚକୋଟୀର ଭାଷଣ ଦେଉ। ପରେ ତାହା ଭୁଲିଯାଉ। ଓଡ଼ିଶା ସରକାରଙ୍କୁ ନିବେଦନ ଏହି ବର୍ଷ ଫେବୃୟାରୀ ୨୧ ପରଠାରୁ ଓଡ଼ିଆ ଭାଷାକୁ କଡ଼ାକଡ଼ି ଭାବେ ପାଳନ କରାଯାଉ।

**– ଜ୍ଞାନରଞ୍ଜନ ଦାଶ, ବରିଷ୍ଠ ସାହିତ୍ୟିକ**

## ପ୍ରତ୍ୟେକ ବ୍ୟକ୍ତି ମାତୃଭାଷାକୁ ନେଇ ଗର୍ବ କରନ୍ତି



ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ମିତା। ମାତୃଭାଷା ହଜିଗଲେ, ସେହି ଜାତିର ସଂସ୍କୃତି ଓ ପରମ୍ପରା ମଧ୍ୟ ବିଲୁପ୍ତ ହୋଇଯିବ। ପ୍ରତ୍ୟେକ ବ୍ୟକ୍ତି ନିଜ ଭାଷାକୁ ନେଇ ଗର୍ବ କରେ। ଏହା ଦ୍ୱାରା ତା’ର ହୃଦୟରେ ରହିଥିବା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ଭାଷାର ବିକାଶ ଘଟିଲେ, ସେହି ଅଞ୍ଚଳର ଭୌଗୋଳିକ ବିକାଶ ଘଟିବ।

**– ଅବ୍ୟକ୍ତ ହରିହର ଖାଡେଙ୍ଗା, ସାମାଜିକ କର୍ମୀ**

## ଭାଷା ବଞ୍ଚିଲେ, ସମାଜ ବଞ୍ଚିବ



ବିଭିଧତାଭରା ଭାରତ ବର୍ଷରେ ବହୁ ଭାଷାଭାଷୀ ରହୁଛନ୍ତି। ଏମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଭାଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା,ସଂସ୍କୃତି, ପରମ୍ପରା, ବିକାଶ ତଥା ରାଜନୈତିକ ଦିଗରୁ ପର୍ଯ୍ୟାଲୋଚନା କଲେ, ଭାଷା ଏକ ମୁଖ୍ୟ ଦାୟିତ୍ୱ ବହନ କରିଥାଏ। ଓଡ଼ିଶାର ବିଭିନ୍ନ ଜିଲାରେ ଆଞ୍ଚଳିକ ଭାଷା ରହିଛି। ଏହାର ବିକାଶ ହେବା ଜରୁରୀ। ଭାଷା ବଞ୍ଚିଲେ, ସମାଜ ବଞ୍ଚିବ।

**ପ୍ରଭାତ ବଳିଆରସିଂ, ଇଞ୍ଜିନିୟର**

## ମାତୃଭାଷା ଭାଇଚାରା ସମ୍ପର୍କ ବଢ଼ାଉଥାଏ



ଶିଶୁଟିଏ ଭୂମିଷ୍ଠ ହେବା ପରେ ପ୍ରଥମେ ମା’ ଶବ୍ଦ ବାହାରିଥାଏ। ଏହାରି ପଛରେ ଏକ ବାତ୍ସଲ୍ୟତା, ମମତା, କରୁଣାର ଭାବ ରହିଛି। ସେହିପରି ମାତୃଭାଷା ବ୍ୟକ୍ତି ମଧ୍ୟରେ ଏପରି ଏକ ଅନନ୍ୟ ଭାବ ପରିପ୍ରକାଶ କରିଥାଏ। ବିଦେଶରେ ରହୁଥିବା ଦୁଇଜଣ ବ୍ୟକ୍ତି ପରସ୍ପର ପରିଚୟ ପାଇଲେ, ଉଭୟଙ୍କ ମଧ୍ୟରେ ଭାଇଚାରା ଓ ଭ୍ରାତୃତ୍ୱ ତଥା ମାତୃପ୍ରୀତିର ଭାବ ଜାଗ୍ରତ ହୋଇଥାଏ। ତେଣୁ ମାତୃଭାଷା ମନୁଷ୍ୟକୁ ଏକ ଭାବର ଡୋରିରେ ବାନ୍ଧି ରଖିଥାଏ।

**– ଶକ୍ତିଶଙ୍କର ମିଶ୍ର, ସଂସ୍କୃତି ଗବେଷକ**

## ଭାଷାକୁ ସମ୍ମାନ ଦେବା ଆବଶ୍ୟକ



ପିଲାଟି ପ୍ରଥମ ବିଦ୍ୟାରମ୍ଭ ମାତୃଭାଷାରେ କରିଥାଏ। ଏହା ତାକୁ ବୁଝିବାରେ ସହଜ ହୋଇଥାଏ। ଶିଶୁ ଧୀରେ ଧୀରେ ବଡ଼ ହେବା ସହ ତା’ର ମାତୃଭାଷା ସମୃଦ୍ଧ ହୋଇଥାଏ। ପ୍ରାଥମିକ ସ୍ତରରେ ପିଲାଙ୍କୁ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ଫଳରେ ଆଗକୁ ସେମାନଙ୍କ ହୃଦୟରେ ଭାଷା ପ୍ରତି ସମ୍ମାନ ରହିବ। ଭାଷା ହିଁ ଜଣେ ବ୍ୟକ୍ତିର ପରିଚୟ ବହନ କରିଥାଏ। ନିଜ ଭାଷାକୁ ସମ୍ମାନ ଦେବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ।

**– ଗୋପାଳ କୃଷ୍ଣ ଦାସ, ସାମାଜିକ କର୍ମୀ**

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୫ ଗିରଫ

**ବେଗୁନିଆ,୨୦।୨(ଡି.ଏନ୍.ଏ.):** ବେଗୁନିଆ ଥାନା ତାଳତୁମ୍ଭ ଗ୍ରାମରେ ସରସ୍ୱତୀ ପୂଜା ମୂର୍ତ୍ତି ବିସର୍ଜନକୁ ନେଇ ଗତ ବୁଧବାର ରାତିରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ୮ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ଉଭୟ ପକ୍ଷର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋମନାଥ ବେହେରା, ସମିର ବେହେରା, ଶ୍ୱେତ ବଳିୟାରସିଂହ, ଭଗବାନ ବଳିୟାର ସିଂହ ଓ କୃପାସିନ୍ଧୁ ବଳିୟାର ସିଂହ। ପ୍ରକାଶ ଯେ, ବୁଧବାର ରାତିରେ ପୂଜା କମିଟି ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ ଗ୍ରାମରେ ଡିଜେ ବଜାଇ ଶୋଭାଯାତ୍ରା କରାଯାଉଥିଲା। ସାହି ମଧ୍ୟରେ ଥିବା ଶ୍ୱେତଙ୍କ ଘର ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚିଥିଲା। ଏହାକୁ ଶ୍ୱେତ ବାରଣ କରିବା ସହ ଶୋଭାଯାତ୍ରାକୁ ଛାଡ଼ି ନ ଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା( ୩୧/୨୧, ୩୨/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

### ସମନ୍ୱିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ବେଗୁନିଆ,୨୦।୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅଞ୍ଚଳରେ ୬୦ଜଣ ମାନସିକ ବିକାରଗ୍ରସ୍ତ ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପିଏଚ୍‌ଇଓ ପ୍ରଭାଶିନୀ ପଣ୍ଡା, ସ୍ଥାନୀୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ, ଅଙ୍ଗନୱାଡି ଓ ଆଶାକର୍ମୀମାନେ ଘର ଘର ବୁଲି ଏହାର ପ୍ରତିକାର ସମ୍ପର୍କରେ ଜନସଚେତନତା ସୃଷ୍ଟି କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ପାଲା ମାଧ୍ୟମରେ ସଚେତନତା କରାଯାଉଛି। ମା’ ମଙ୍ଗଳା ପାଲା ସଂସଦ, ଖୋର୍ଦ୍ଧା ଆନୁକୂଲ୍ୟରେ ଗାୟକ ଶ୍ୟାମସୁନ୍ଦର ତ୍ରିପାଠୀ ଓ ସାଥିମାନେ ଏହି ବ୍ଲକର ୧୦ଟି ପେଣ୍ଡାଲରେ ପାଲା ମାଧ୍ୟମରେ ସଚେତନ କରୁଛନ୍ତି। ରୋଗୀଙ୍କୁ ପରୀକ୍ଷା କରାଯାଇ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି ବୋଲି ପିଏଚ୍‌ଇଓ ପଣ୍ଡା ଆହ୍ୱାନ ଦେଇଛନ୍ତି।

### ଅଗାଧୁ ସମ୍ପାଦକ, ସରୋଜିନୀ ଉପସଭାପତି

**ଖୋର୍ଦ୍ଧା ଅଫିସ,୨୦।୨:** ଖୋର୍ଦ୍ଧା ପୌରାଞ୍ଚଳ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଶନିବାର ସାମନ୍ତରାପୁରସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନମିତା ରାଣୀ ରାୟ ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସେବା ପୁସ୍ତିକା କିପରି ଠିକ୍ ଭାବେ ପୂରଣ କରାଯିବ, ସର୍ଭିସ ବୁକ ପାଇବେ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘ ପୁନର୍ଗଠିତ ହୋଇଥିଲା। ଅଗାଧୁ ସେଠୀ ସମ୍ପାଦକ, ସରୋଜିନୀ ସୁନ୍ଦରାୟ ଉପସଭାପତି, ସସ୍ମିତା ସାହୁ ସଙ୍ଗଠନ ସମ୍ପାଦକ, କ୍ଷଣପ୍ରଭା ସାହୁ ସହସମ୍ପାଦକ, ଦେବାଶିଷ ସେଠୀ କୋଷାଧ୍ୟକ୍ଷ, ସୁରେଶ୍ୱରୀ ଦାଶ ସଂଯୋଜକ, ବିଭୁପ୍ରସାଦ ହରିଚନ୍ଦନ ଉପଦେଷ୍ଟାଭାବେ ମନୋନୀତ ହୋଇଛନ୍ତି। ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ସମିତି କାର୍ଯ୍ୟାଳୟ ଘେରିଲେ ଚାଷୀ



ଛଣଗିରି ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

ନିରାକାରପୁର,୨୦।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଛଣଗିରି ପଞ୍ଚାୟତରେ ଥିବା ଛଣଗିରି ସେବା ସମବାୟ ସମିତି ମଣ୍ଡିରୁ ଧାନ ନ ଉଠିବାରୁ ଶନିବାର ଟୋକନ ପାଇଥିବା ଚାଷୀମାନେ ସମିତି କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମବାୟ ସମିତି ଉପରେ ଓଳସିଂହ ପଞ୍ଚାୟତ ମଧ୍ୟ ନିର୍ଭର କରୁଥିବାରୁ ଉଭୟ ୨ଟି ପଞ୍ଚାୟତର ଚାଷୀ ଘେରାଉ କରିଥିଲେ। ଖବର ପାଇ ଉକ୍ତ ସମିତିର ପୂର୍ବତନ ସଭାପତି ଅଜୟ କୁମାର ମହାନ୍ତି ପହଞ୍ଚି ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ ପଦାଧିକରୀଙ୍କ ସହ ଆଲୋଚନା କରିବି ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏନେଇ ସମିତି ସମ୍ପାଦକ ରଘୁନାଥ ବସନ୍ତ ରାୟ କହିଛନ୍ତି, ଚଳିତ ବର୍ଷ ମୋଟ ୩୩୬ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ୧୨ହଜାର କୁଇଣ୍ଟାଲ ଧାନରୁ ଅଦ୍ୟାବଧି ୧୮୦ ଚାଷୀଙ୍କଠାରୁ ୭୬୦୦ କୁଇଣ୍ଟାଲ ଧାନ କିଣାଯାଇଛି। ତେବେ ୧୫୬ ଚାଷୀଙ୍କ ୪୪୦୦ କଇଣ୍ଟାଲ ଧାନ ବକେୟା ରହିଛି। ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚିକିତ୍ସାଳୟରେ ଆଣ୍ଠୁ ପ୍ରତିରୋପଣ

ଜଟଣୀ,୨୦।୨(ଡି.ଏନ୍.ଏ.)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଚିକିତ୍ସାଳୟରେ ଜଣେ ରୋଗୀଙ୍କ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ସର୍ଜରୀ ସଫଳ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଜଣେ ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ୬୬ବର୍ଷୀୟ ସ୍ତ୍ରୀ ଅଷ୍ଟିଓଆର୍ଥ୍ରାଇଟିସ୍ ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ହୋଇ ଡାହାଣ ଗୋଡ଼ରେ କଷ୍ଟ ଅନୁଭବ କରିବା ସହିତ ଗୋଡ ବଙ୍କା ହୋଇଯାଇଥିଲା। ଫଳରେ ସେ କାମ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘଦିନ ବିଭିନ୍ନ ଚିକିତ୍ସାରେ ରହି ଅନେକ ଔଷଧ ସେବନ କରି ସୁଫଳ ନ ମିଳିବାରୁ ବିଶେଷଜ୍ଞମାନେ ଆଣ୍ଠୁ ବଦଳାଇବା ପାଇଁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଚିକିତ୍ସାଳୟର ଅଧୀକ୍ଷକ ଡା. ଗୌରୀଶଙ୍କର ରାଓଙ୍କ ନେତୃତ୍ୱରେ ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା (ଆଇଆରଏଚ୍‌ଏସ)ର ଡାକ୍ତରୀଦଳ ମିଳିତଭାବେ ରେଳମଣ୍ଡଳ ମୁଖ୍ୟ ଚିକିତ୍ସାଳୟରେ ୧ଘଣ୍ଟା ୪୫ମିନିଟ ଅସ୍ତ୍ରୋପଚାର କରିଥିଲେ। ଉକ୍ତ ଆଣ୍ଠୁ ପ୍ରତିରୋପଣ ଅପରେସନରେ ମଣ୍ଡଳ ମେଡିକାଲ ଅଧିକାରୀ ଡା.ଭବାନୀ ଶଙ୍କର ବେହେରା, ସହାୟକ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା.କେ.କେ.ସେନାପତି, ପାରାମେଡିକାଲ ଏବଂ ଓଟି କର୍ମଚାରୀଙ୍କ ସହଯୋଗରେ ହୋଇଥିଲା। ରୋଗୀ ଜଙ୍କେ ସୁସ୍ଥ ଥିବା ରେଲୱେ ପକ୍ଷରୁ କୁହାଯାଇଛି।

## ବେଆଇନ ଖଣିରେ ଚଢ଼ାଉ

**୧.୪୦ଲକ୍ଷ ଜରିମାନା ଆଦାୟ**

ନିରାକାରପୁର,୨୦।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଞ୍ଚଳରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ରୋକ୍ ଲଗାଇବାରେ ରାଜସ୍ୱ ବିଭାଗ ବିଫଳ ହୋଇଛି। ପ୍ରତିଦିନ ଏହି ଅଞ୍ଚଳର ଅନେକ ସ୍ଥାନରୁ ଶହ ଶହ ଟ୍ରକ ଓ ଟ୍ରାକ୍ଟରରେ ମାଙ୍କଡ଼ା ପଥର, ମୋରମ ବେଆଇନ ଭାବେ ଚାଲାଣ ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଟାଙ୍ଗୀ ତହସିଲ ପକ୍ଷରୁ ନିରାକାରପୁର ଓ ଭୂଷଣ୍ଡପୁର ଅଞ୍ଚଳରେ ଥିବା ବେଆଇନ ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୩ଟି ଟ୍ରାକ୍ଟର ସହ ୨ଟି ହାଇୱା ଜବତ କରାଯାଇଥିଲା। ପରେ ମୋଟ୍ ୧ଲକ୍ଷ ୪୦ହଜାର ଟଙ୍କା ଜରିମାନା ଆଦାୟ ପରେ ଗାଡିକୁ ଛାଡ଼ିଦିଆଯାଇଥିବା ତହସିଲଦାର ଯୁଗଳ କିଶୋର ମିଶ୍ର କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ନିରାକାରପୁର,୨୦।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଘନଶ୍ୟାମ ପାଇକରାୟ (୭୮)ଙ୍କ ଶନିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘନଶ୍ୟାମ ଦୁଇଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିବା ବେଳେ ରାମଦୟା ପରିଷଦ ଫାଉଣ୍ଡର ସଭ୍ୟ, ନିରାକାରପୁର ଶାନ୍ତି କମିଟିର ସଭାପତି, ଉତ୍କଳିକା ସଙ୍ଗୀତ ଏକାଡେମୀ ସଭାପତି ଏବଂ ଅଞ୍ଚଳର ଜଣେ ଭଲ ଚାଷୀ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ମହଲପଡ଼ାର ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି

ଗୋପ,୨୦।୨(ଡି.ଏନ.ଏ)

ଗୋପ ବ୍ଲକ ମହଲପଡ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ହୋଇଥିବା କଂକ୍ରିଟ ରାସ୍ତା ନିମ୍ନମାନର କାର୍ଯ୍ୟ ଯୋଗୁ ଫାଟି ଯିବା, ସମତୁଲ ପଡ଼ିଆକୁ ପଞ୍ଚାୟତ ପୋଖରୀ ଦର୍ଶାଇ ନିଲାମ କରିବା, ପିଇବା ପାଣି ସହ ସରକାରୀ ଅନୁଦାନ ଖର୍ଚ୍ଚରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଜଣାପଡ଼ିଥିଲା। ଏନେଇ ଅବସରପ୍ରାପ୍ତ କର୍ମଚାରୀ ପରେଶ ମହାନ୍ତି ଜାନୁୟାରୀ ୧୮ରେ ଅଭିଯୋଗ ଆଣିଥିଲେ। ପରେ ମହାନ୍ତି ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ୫–ଟି ସଚିବଙ୍କ ସହ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ସମର୍ଥ ବର୍ମା ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଅଭିଯୋଗକୁ ତଦନ୍ତ କରିବାକୁ ଚିଠି ନମ୍ବର ୧୨୪, ତା ,୮/୨/୨୦୨୧ରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ହୋଇ ନ ଥିବାବେଳେ ବ୍ଲକକୁ ଆସିଥିବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଅଭିଯୋଗ ସମ୍ପର୍କରେ ଜଣାଇ ଦିଆଯାଇଥିଲା। ଏ ନେଇ ମନ୍ତ୍ରୀ ବେହେରା କହିଛନ୍ତି, ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯିବ। ଅଭିଯୋଗ ସତ୍ୟ ଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯିବ। ବିଡିଓ ଦାସ କହିଛନ୍ତି, ଜିଲା ପ୍ରଶାସନର ନିର୍ଦ୍ଦେଶ ପରେ ତଦନ୍ତ ପ୍ରକ୍ରିୟା ଚାଲିଥିବାବେଳେ, ଏହା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପଞ୍ଚାୟତରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇ ନାହିଁ ବୋଲି ସରପଞ୍ଚ ରାଜଶ୍ରୀ ପରିଡ଼ା କହିଛନ୍ତି।

# କୁଶପଲାକୁ ହରାଇ ସିକୋ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍ ଟ୍ରଫି ସହ ଚେକ୍ ଗ୍ରହଣ କରୁଛନ୍ତି।

ବେଗୁନିଆ,୨୦।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ କୁଶପଲ୍ଲୀ କ୍ରିକେଟ ପଡ଼ିଆରେ ଚାଲିଥିବା କୁଶପଲା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୁଶପଲା କ୍ଲବକୁ ହରାଇ ସିକୋ କ୍ରିକେଟ୍ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ସିକୋ ଟିମ୍ ନିର୍ଦ୍ଧାରିତ ୨୦ଓଭରରେ ୧୪୩ରନ ସଂଗ୍ରହ କରିଥିଲା। ଜବାବରେ କୁଶପଲା ଟିମ୍ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏସ୍.କେ. ହାଲିମ ଓ ଫଇଜୁଲ ହୁସେନ ଖାନ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ରମାକାନ୍ତ ପାତ୍ର, ଅତିଥିଭାବେ ଏମ୍.ଡି. ମମତାଜ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ରନର୍ସ ଅପ୍ ଟିମକୁ କପ୍ ସହ ୭ହଜାର ଟଙ୍କା ପ୍ରଦାନ କରିଥିଲେ। ସିକୋ ଟିମ୍‌ର ମନୋଜ ମାଝୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ କୁଶପଲା ଟିମ୍‌ର ଆକବର ଖାନଙ୍କୁ ମ୍ୟାନ ଅଫ ଦି ସିରିଜଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବର ସଭ୍ୟ ଆଦିତ୍ୟ ସେନାପତି, ଆଜାଦ ଖାନ୍, ଶାହାଜାଦ ଖାନ୍, ସତ୍ୟଜିତ ଭୋଇ, ଅମିର ଖାନ୍, ସେକ୍ ଅଜିଜ୍ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଞ୍ଜିତା



@ ମନୋରମା



@ ବିକାଶ



@ ଅମରଜିତ୍



@ ରିତିକ୍



@ ରବିନ୍



@ ଶୈଳେନ୍ଦ୍ର



@ ସନ୍ତୋଷ